بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସଂଖ୍ୟା: 49

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ବାର୍ଷିକ ଦେୟ : 600/-

12 ଜୁମାଦିଉସ୍ ସାନି, 1447 ହି.କ, 04 ନବୁୱତ୍ 1404 ହି.ଶ, 04 December 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

فَبِمَا رَحۡمَۃٍ مِّنَ اللّٰہِ لِنۡتَ لَہُمۡ ۚ وَلَوۡ کُنۡتَ فَظًّا غَلِیۡظَ الۡقَلۡبِ لَانۡفَضُّوۡا مِنۡ حَوۡلِکَ ○ (ଆଲେ ଇମ୍ରାନ୍: 160)

**ଅନୁବାଦ:** ଏବଂ ଅଲ୍ଲାଃତାଲାଙ୍କର ସେହି ମହାନ୍ କରୁଣା ଯାହା ତୁମ୍ଭଙ୍କୁ ପ୍ରଦାନ କରାଯାଇଛି ସେଥି ଯୋଗୁଁ ତୁମ୍ଭେ ସେମାନଙ୍କ ପ୍ରତି ନମ୍ର ହୋଇଅଛ ଏବଂ ଯଦି ତୁମ୍ଭେ ମନ୍ଦ ସ୍ୱଭାବୀ ଓ କଠିନ ହୃଦୟର ହୋଇଥାଆନ୍ତ ତେବେ ଏମାନେ ତୁମ୍ଭ ଚତୁଃପାର୍ଶ୍ୱରୁ ଛିନ୍ନ ଛତ୍ର ହୋଇ ଯାଆନ୍ତେ। ସୁତରାଂ ତୁମ୍ଭେ ସେମାନଙ୍କୁ କ୍ଷମା ପ୍ରଦାନ କର ଓ ସେମାମନଙ୍କ ପାଇଁ ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ପ୍ରାର୍ଥନା କର ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ସେମାନଙ୍କ ସହିତ ପରାମର୍ଶକର ଏବଂ ଯେତେବେଳେ ତୁମ୍ଭେ କୌଣସି ବିଷୟରେ ଦୃଢ଼ ସଂକଳ୍ପ କର ତେବେ ଅଲ୍ଲାଃତାଲାଙ୍କ ଉପରେ ଭରସା କର । ଅଲ୍ଲାଃତାଲା ନିଶ୍ଚୟ ଭରସାକାରୀମାନଙ୍କୁ ପ୍ରେମ କରନ୍ତି ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ!**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

**ଅଲ୍ଲାଃତାଲା କୋମଳ ଅଟନ୍ତି ଓ କୋମଳ ଆଚରଣ ପ୍ରଦର୍ଶନକାରୀ ବ୍ୟକ୍ତିଙ୍କୁ ପ୍ରଦର୍ଶନ କରନ୍ତି । ତେଣୁ ଯେଉଁ ବସ୍ତୁରେ ଯେତେ କୋମଳତା ଥିବ ତେବେ ତାହା ପ୍ରସଙ୍ଗକୁ ସରସ, ସୁନ୍ଦର କରିଦେଇଥାଏ ଓ ସୌନ୍ଦର୍ଯ୍ୟର କାରଣ ସାଜିଥାଏ । :**

☆ عَنۡ عَائِشَۃَ رَضِیَ اللّٰہُ عَنۡہَا اَنَّ النَّبِیَّ صَلَّی اللّٰہُ عَلَیۡہِ وَسَلَّمَ قَالَ: اِنَّ اللّٰہَ رَفِیۡقٌ یُحِبُّ الرِّفۡقَ، وَیُعۡطِیۡ عَلَی الرِّفۡقِ مَا لَا یُعۡطِیۡ عَلَی الۡعُنۡفِ وَمَا لَا یُعۡطِیۡ عَلٰی مَا سِوَاہُ۔

ହ. ଆଏଶା ସିଦ୍ଦିକା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଅଲ୍ଲାଃତାଲା କୋମଳ ଅଟନ୍ତି ଓ କୋମଳ ଆଚରଣ ପ୍ରଦର୍ଶନକାରୀ ବ୍ୟକ୍ତିଙ୍କୁ ପ୍ରଦର୍ଶନ କରନ୍ତି । ଅଲ୍ଲାଃତାଲା କୋମଳତାର ଯେତେ ପ୍ରତିଫଳ ପ୍ରଦାନ କରନ୍ତି ସେତେଟା କ୍ରୁରତା ନିମନ୍ତେ ଧରପକଡ଼ କରନ୍ତି ନାହିଁ । ବରଂ ଅଲ୍ଲାଃତାଲା ଅନ୍ୟ କୌଣସି ପୁଣ୍ୟର ସେତେଟା ପ୍ରତିଫଳ ପ୍ରଦାନ କରନ୍ତି ନାହିଁ ଯେତେ ଅଲ୍ଲାଃତାଲା କୋମଳତାର ପ୍ରତିଫଳ ପ୍ରଦାନ କରିଥାଆନ୍ତି ।

عَنۡ عَائِشَۃَ رَضِیَ اللّٰہُ عَنۡہَا زَوۡجِ النَّبِیِّ صَلَّی اللّٰہُ عَلَیۡہِ وَسَلَّمَ قَالَ: اِنَّ الرِّفۡقَ لَا یَکُوۡنُ فِیۡ شَیۡءٍ اِلَّا زَانَہٗ وَلَا یُنۡزَعُ مِنۡ شَیۡءٍ اِلَّا شَانَہٗ۔

ହ. ଆଏଶା ସିଦ୍ଦିକା ର.ଅ ବର୍ଣ୍ଣନା କରନ୍ତି ଯେ, ହୁଜୁର୍ ସ.ଅ କହିଲେ, ଯେଉଁ ବସ୍ତୁରେ ଯେତେ କୋମଳତା ଥିବ ତେବେ ତାହା ବସ୍ତୁକୁ ଆହୁରି ସରସ, ସୁନ୍ଦର କରି ଦେଇଥାଏ ଓ ସୌନ୍ଦର୍ଯ୍ୟର କାରଣ ସାଜିଥାଏ । ସେହିପରି ଯେଉଁ ବସ୍ତୁ ବା ଯେଉଁ ବ୍ୟକ୍ତି ଠାରୁ କୋମଳତା ଛିନ୍ନ କରିନିଆଯାଏ ତେବେ ସେ ଅତ୍ୟନ୍ତ ଅସୁନ୍ଦର ହୋଇଯାଇଥାଏ । ଅର୍ଥାତ୍ ଶିଷ୍ଟତା ଓ କୋମଳତା (କୌମ୍ୟତା)ରେ ହିଁ ସୌନ୍ଦର୍ଯ୍ୟ ନିହିତ ରହିଛି ।

**(ମୁସଲିମ୍ କିତାବୁଲ୍ ବିରରି ୱସ୍ ସିଲତି, ବାବ୍- ଫସଲୁର୍ ରିଫକି) (ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ଲେଖକ-ମଲକ୍ ସୈଫୁଲ୍ ରହମାନ ସାହେବ, ହଦିସ୍ ନଂ- 805-806)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ମୃଦୁଳତା ଏବଂ କୋମଳତାର ସହିତ କଥାବାର୍ତ୍ତା କରାଯିବା ଉଚିତ୍ । କାରଣ ତାହା ଯେପରି ଅନ୍ୟମାନଙ୍କର ମସ୍ତିଷ୍କରେ ଆସନିତ ହୋଇଯାଉ ।

ପାପକୁ ଦୂର କରିବାକୁ ହେଲେ ଚରିତ୍ର ମଧ୍ୟରେ ଶିଷ୍ଟତା ଏବଂ ଉତ୍ତମ ବାଣୀର ସମନ୍ୱୟ ରହିବା ଏକାନ୍ତ ଅପରିହାର୍ଯ୍ୟ । ଉକ୍ତ ଚରିତ୍ର ଯେଉଁ ସ୍ୱଭାବିକ ଅବସ୍ଥା ଦ୍ୱାରା ସୃଷ୍ଟି ହୋଇଥାଏ ତାହାର ନାମ ହେଲା "ତଲାକତ୍" ଅର୍ଥାତ୍ ପ୍ରଫୁଲ୍ଲବଦନ ଅଟେ । ଯେପର୍ଯ୍ୟନ୍ତ ଶିଶୁ ଶିଷ୍ଟତା ଏବଂ ଉତ୍ତମ ବାଣୀ ପ୍ରଦର୍ଶନ କରି ନାହିଁ ସେପର୍ଯ୍ୟନ୍ତ ଶିଶୁ କଥାବାର୍ତ୍ତା କରିବାକୁ ସକ୍ଷମ ହୋଇପାରିବ ନାହିଁ । ଏହା ହେଉଛି ସେହି କଥାର ପ୍ରମାଣ ଯେ, ଶିଷ୍ଟତାର ମୂଳ ଯେଉଁଠୁ ଏହି ଶାଖା ସୃଷ୍ଟି ହୋଇଥାଏ ତାହା ପ୍ରଫୁଲ୍ଲବଦନ ଅଟେ । ପ୍ରଫୁଲ୍ଲବଦନ କହିଲେ ଏକ ଚରିତ୍ରକୁ ବୁଝାଏ ଯାହାକି ସେହି ଶକ୍ତି, ସାମର୍ଥ୍ୟକୁ ଯଥା ସ୍ଥାନରେ ବ୍ୟବହାର କରିବା ଦ୍ୱାରା ସୃଷ୍ଟି ହୋଇଯାଇଥାଏ । ତହିଁରେ ଈଶ୍ୱରଙ୍କ ଏହି ଶିକ୍ଷା ନିହିତ ରହିଛି ଯେ, ଯେଉଁ ଲୋକମାନେ ପ୍ରକୃତ ରୂପେ ପୁଣ୍ୟବାନ୍ ଅଟନ୍ତି ସେହିମାନଙ୍କୁ ହିଁ ପୁଣ୍ୟ କଥା କୁହ। ଗୋଟିଏ ଜାତି ଅନ୍ୟ ଜାତିକୁ ପରିହାସ ଓ ତାଚ୍ଛଲ୍ୟ ନକରୁ। କାରଣ ଯେଉଁ ଜାତିକୁ ପରିହାସ ଓ ତାଚ୍ଛଲ୍ୟ କରାଯାଇଛି ସେହି ଜାତି ଅନ୍ୟ ଜାତି ଅପେକ୍ଷା ଉତ୍ତମ ହୋଇଥିବ । ତେଣୁ ଅନ୍ୟ ଉପରେ ଦୋଷାରୋପଣ କର ନାହିଁ । ନିଜ ଲୋକମାନଙ୍କର ଖରାପ ଖରାପ ନାଁ ଦିଅ ନାହିଁ । କୁଧାରଣା ଓ କୁସଂସ୍କାର ଜନିତ କଥା କୁହ ନାହିଁ ଓ ନା ହିଁ ଦୋଷ ଦୁର୍ବଳତା ସଂପର୍କରେ ଗୁଡ଼େଇ ତୁଡ଼େଇ ଅନେକ ପ୍ରଶ୍ନ କର। ପରସ୍ପର ପ୍ରତି ଅଭିମାନ ଓ ପରସ୍ପରର ଅଭିଯୋଗ କର ନାହିଁ । ଯେଉଁ ଲାଞ୍ଛନ ଏବଂ ଦୋଷାରୋପଣ ସଂପର୍କରେ ତୁମ ପାଖରେ କୌଣସି ପ୍ରମାଣ ନାହିଁ ତେବେ ତୁମେମାନେ ସେହି ଲାଞ୍ଛନ ଏବଂ ଦୋଷାରୋପଣକୁ କେନ୍ଦ୍ର କରି କାହା ଉପେରେ କୌଣସି ମିଥ୍ୟା ଲାଞ୍ଛନା ଏବଂ ଦୋଷାରୋପଣ କର ନାହିଁ। ତୁମେମାନେ ଏକଥା ମନେରଖ ! ଯେ, ପ୍ରତ୍ୟେକ ଅଙ୍ଗ ପ୍ରତ୍ୟେଙ୍ଗ ସଂପର୍କରେ ଅଲ୍ଲାଃତାଲା ତୁମକୁ ଅବଶ୍ୟ ପ୍ରଶ୍ନ କରିବେ । ଅର୍ଥାତ୍ କର୍ଣ୍ଣ (କାନ), ଚକ୍ଷୁ (ଆଖି), ହୃଦୟ (ମନ) ପ୍ରତ୍ୟେକ ଅଙ୍ଗକୁ ପଚାରାଯିବ (ଅର୍ଥାତ୍ ଅଲ୍ଲାଃତାଲା ପ୍ରଶ୍ନ କରିବେ)। **(ଇସଲାମି ଉସୁଲ୍ କି ଫଲାସ୍‌ଫି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-10, ପୃ-350)**

ସେହିପରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏହା ମଧ୍ୟ କହିଲେ: "ଶତ୍ରୁ ଯଦି ତୁମ ପ୍ରତି କଟୁ ଭାଷା ପ୍ରୟୋଗ କରେ ତେବେ ସେପରିପ୍ରେକ୍ଷୀରେ ତୁମେ ତା' ବିପକ୍ଷରେ କଟୁ ଭାଷା ପ୍ରୟୋଗ କରିବା ଦ୍ୱାରା ତୁମକୁ କୌଣସି ଲାଭ ମିଳି ନଥାଏ । କାରଣ କଟୁ ଭାଷା କହିବା ଦ୍ୱାରା କଲ୍ୟାଣ ଦୂରୀଭୂତ (ସମାପ୍ତ ଓ କ୍ଷୟ) ହୋଇଯାଇଥାଏ ।"

**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-273)**

ସେହିପରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏହା ମଧ୍ୟ କହିଲେ: "ସମ୍ମାନ ଓ ସତ୍କାର କହିଲେ ଅତିଥି ପ୍ରତି ଏପରି କୋମଳ ଆଚରଣ ପ୍ରଦର୍ଶନ କରାଯାଉ ଓ ଅତିଥି ସହିତ ଏପରି କଥାବାର୍ତ୍ତା କରାଯାଉ ଯେ, ତାହା ଅତିଥି ଓ ଅନ୍ୟମାନଙ୍କ ମସ୍ତିଷ୍କର ଆସନିତ ହୋଇଯାଉ । ସେହିପରି ସତ୍ୟକୁ ଏପରି ଭାବ ପରିପ୍ରକାଶ କର ଯେ, ଅନ୍ୟ କୌଣସି ବାଣୀ ଆଉ ଅବିଷ୍ଟ ରହିବ ନାହିଁ । ସମସ୍ତ କଥା ନିଷ୍ପନ୍ନ ହୋଇଯିବା ଉଚିତ୍ ଏବଂ ଚାଟୁକାରୀତା କହିଲେ ଭୟଭୀତ ହୋଇ ସତ୍ୟକୁ ଲୁଚାଇଦେବା, ସତ୍ୟକୁ ଗିଳି ପକାଇବା (ସତ୍ୟକୁ ଭୁଲିଯିବା) ଇତ୍ୟାଦି । ତେଣୁ ଅନେକ ସମୟରେ ଏହା ଦେଖିବାକୁ ମିଳିଛି ଯେ, କେତେକ ବ୍ୟକ୍ତି କୋମଳ ବଚନ କହି ଅର୍ଥାତ୍ ଆରାମ୍ ସେ କଥାବାର୍ତ୍ତା କରି ପୁନଶ୍ଚ ଉତ୍ତେଜିତ ହୋଇଯାଆନ୍ତି । ତେଣୁ ଏହା ଉଚିତ୍ ନୁହଁ ଯେ, ସତ୍ୟକୁ ପୂର୍ଣ୍ଣ କରିବା ସକାଶେ ଏପରି ଏକ କଳାର ଆବଶ୍ୟକତା ରହିଛି । ଯେଉଁ ବ୍ୟକ୍ତି ଏପରି ଢଙ୍ଗରେ ନିଜର ଅଭିପ୍ରାୟ ତଥା ସତ୍ୟକୁ ଉପସ୍ଥାପିତ କରେ ଯେ, କ୍ରୋଧାନ୍ୱିତ ବ୍ୟକ୍ତି ମଧ୍ୟ ତା' କଥାକୁ ଶୁଣିନେଉ ତେବେ ସେହି ବ୍ୟକ୍ତି ଅତି ସାହସୀ ବ୍ୟକ୍ତି ଅଟେ। ଈଶ୍ୱର ଏପରି ବ୍ୟକ୍ତି ଉପରେ ପ୍ରସନ୍ନ ହୁଅନ୍ତି । ହଁ ଏକଥା ଅବଶ୍ୟ ସତ୍ୟ ଯେ, ଯେଉଁ ଲୋକ ସତ୍ୟ କଥା କୁହେ ସେହି ଲୋକ ଠାରୁ ଅନ୍ୟ ଲୋକମାନେ ପ୍ରସନ୍ନ ଓ ସନ୍ତୁଷ୍ଟ ହୁଅନ୍ତି ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯେଉଁ ବ୍ୟକ୍ତି ସତ କଥା କୁହେ ଏବଂ ଅନ୍ୟମାନଙ୍କ ପ୍ରତି କୋମଳତା ଆଚରଣ ପ୍ରଦର୍ଶନ କରେ ତେବେ ମଧ୍ୟ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ ସେହି ବ୍ୟକ୍ତିଙ୍କୁ ଉତ୍ତମ ବ୍ୟକ୍ତି କୁହନ୍ତି । ଅପର ପକ୍ଷେ ଅନ୍ୟ ଲୋକମାନେ ସେହି ବ୍ୟକ୍ତିଙ୍କୁ ଅର୍ଥାତ୍ ଯେଉଁ ବ୍ୟକ୍ତି କୋମଳତା ଏବଂ ଉତ୍ତମ ତଥା ସତ୍ୟ କଥା କହୁଥିବା ବ୍ୟକ୍ତିଙ୍କୁ ପସନ୍ଦ କରନ୍ତି ନାହିଁ, ସତ କହୁଥିବା ବ୍ୟକ୍ତିଙ୍କୁ ସେହି କୁଟିଳିଆ ସ୍ୱଭାବର ଲୋକମାନେ ଭଲ ପାଆନ୍ତି ନାହିଁ । ତେଣୁ ପରିଶେଷରେ ଏହା ହିଁ କୁହାଯାଇପାରେ ଯେ, ଆମେ ଯଦି କୋମଳତା ଓ ବିନମ୍ରତାର ସହିତ କୌଣସି କଥା ଲୋକମାନଙ୍କୁ କହୁ ତେବେ ତାହା ସେମାନଙ୍କ ମସ୍ତିଷ୍କରେ ଆସନିତ ହୋଇଥାଏ ।" **(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-273)**

☆--☆--☆

**ତଫସିର୍ କବିରରୁ ଉପସ୍ଥାପିତ ଆଲେଖ୍ୟ**

## କୋମଳତା, ବିନମ୍ରତା ଏବଂ ବୁଦ୍ଧି ଓ ବେବେକକୁ ବିନିଯୋଗ କରି ଅନ୍ୟ ସହିତ କଥାବାର୍ତ୍ତା କର । କାରଣ ଯେଉଁ ବ୍ୟକ୍ତି ଏପରି ଆଚରଣ ଅର୍ଥାତ୍ କୋମଳତା, ବିନମ୍ରତା ଏବଂ ବୁଦ୍ଧି ଓ ବେବେକକୁ ବିନିଯୋଗ କରେ ନାହିଁ ଓ କ୍ରୋଧାଭାବ ପ୍ରକାଶ କରି କ୍ରୋଧିତ ହୋଇଯାଇଥାଏ ତେବେ ସେହି ବ୍ୟକ୍ତି ଅନ୍ୟକୁ ନିଜର କଥାକୁ ବୁଝାଇ ପାରିବ ନାହିଁ।

(ଲେଖକ- ହ. ମିର୍ଜା ବଶୀରୁଦ୍ଦୀନ ମହମୁଦ୍ ଅହମଦ, ଖଲିଫତୁଲ୍ ମସିହ୍ ସାନି ଅଲ୍ ମୁସ୍‌ଲେହ୍ ମଉଦ୍ ର.ଅ)

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ଅନ୍ ନହଲ୍‌ର ଆୟତ୍ ସଂଖ୍ୟା 126 اُدۡعُ اِلٰی سَبِیۡلِ رَبِّکَ بِالۡحِکۡمَۃِ وَالۡمَوۡعِظَۃِ الۡحَسَنَۃِ وَجَادِلۡہُمۡ بِالَّتِیۡ ہِیَ اَحۡسَنُ ର ବ୍ୟାଖ୍ୟା କରି ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ କରିବା ରହସ୍ୟ ସଂପର୍କରେ ବୁଝାଇ କୁହନ୍ତି: "ହିକ୍‌ମତ୍ ଶବ୍ଦର ଅର୍ଥ ବିନମ୍ରତାକୁ ମଧ୍ୟ ବୁଝାଏ । ବ୍ୟକ୍ତି ପକ୍ଷେ ଏହା ଉଚିତ୍ କି ସେ ବିନମ୍ରତା, କୋମଳତା ଓ ବୁଦ୍ଧି ବିବେକକୁ ବିନିଯୋଗ କରି କୌଣସି କଥା କହୁ । କାରଣ ଯେଉଁ ବ୍ୟକ୍ତି ବିନମ୍ରତା, କୋମଳତା ଏବଂ ବୁଦ୍ଧି ବିବେକକୁ ବିନିଯୋଗ କରେ ନାହିଁ ଓ ଶୀଘ୍ର କ୍ରୋଧିତ ତଥା ଉତ୍ତେଜିତ ହୋଇଯାଇଥାଏ ତେବେ ସେହି ବ୍ୟକ୍ତି ଅନ୍ୟକୁ ନିଜର କଥା ତଥା ଆଭିମୁଖ୍ୟ ସଂପର୍କରେ ବୁଝାଇ ପାରିବ ନାହିଁ ।"

ହୁଜୁର ର.ଅ କହିଲେ,"ନବୁୱତ୍ (ଅବତାରତ୍ୱ) ର ଅର୍ଥ ଦୃଷ୍ଟିରୁ ଏହି ଅର୍ଥ ହେବ ଯେ, ଈଶ୍ୱରଙ୍କ ବାଣୀ ଦୃଷ୍ଟିରୁ ଲୋକମାନଙ୍କୁ ଧର୍ମ ଆଡ଼କୁ ଆମନ୍ତ୍ରିତ (ଡାକ) କରିବା । ପବିତ୍ର କୁରଆନ୍ କରୀମ୍ ଯେଉଁ ପ୍ରାମାଣ୍ୟ ସ୍ୱୟଂ ଉପସ୍ଥାପିତ କରିଛି ତାହାକୁ ହିଁ ଉପସ୍ଥାପିତ କର । ନିଜ ତରଫରୁ ଏଣୁତେଣୁ ବାଯ୍ୟ କଥା ଏବଂ ମୂଲ୍ୟହୀନ ପ୍ରମାଣ ଉପସ୍ଥାପିତ କର ନାହିଁ । ଆହା କି ସୁନ୍ଦର କଥା ! ମୁସଲମାନମାନେ ଯଦି ଉକ୍ତ ରହସ୍ୟକୁ ହୃଦୟଙ୍ଗମ କରି ନିଅନ୍ତେ ତେବେ ସେମାନେ ଇହୁଦୀ ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କୁ ଗ୍ରାସ କରି (ଗିଳି) ପକାଇଥାଆନ୍ତେ। ଆମମାନଙ୍କର ଅସ୍ତ୍ର ତ' ପବିତ୍ର କୁରଆନ୍ କରୀମ୍ ଅଟେ । ତେଣୁ ପବିତ୍ର କୁରଆନ୍ କରୀମ୍ ସଂପର୍କରେ ଅଲ୍ଲାଃତାଲା କୁହନ୍ତି: وَجَاهِدْهُمْ بِهٖ **(ଅଲ୍ ଫୁର୍କାନ୍: 53)** ଅର୍ଥାତ୍ ଏହି କୁରଆନ୍ ମାଧ୍ୟମରେ ସେମାନଙ୍କ ବିରୁଦ୍ଧରେ ବଡ଼ ଜିହାଦ୍ ଅର୍ଥାତ୍ ପ୍ରବଳ ଉଦ୍ୟମ କର। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆଜି ସଂସାରର ପ୍ରତ୍ୟେକ ବସ୍ତୁ ମୁସଲମାନମାନଙ୍କ ହାତ ମୁଠାରେ ରହିଛି । କିନ୍ତୁ ଯେଉଁ ବସ୍ତୁ ମୁସଲମାନମାନଙ୍କ ହାତ ମୁଠାରେ ନାହିଁ ତେବେ ତାହା ହେଉଛି ଖଡ଼୍‌ଗ । ଏହି ଖଡ଼୍‌ଗକୁ ଧରି ଯୁଦ୍ଧଭୂମି, ଜିହାଦରେ ବାହାରିବା ନିମନ୍ତେ ଆଦେଶ ରହିଥିଲା । مَا يَمْنَعُ مِنَ الْجَهْلِ ଦୃଷ୍ଟିରୁ ଆୟତ୍‌ର ଅର୍ଥ ଏହା ହେବ ଯେ, ତୁମ୍ଭେ ଏପରି ପନ୍ଥା ଅବଲମ୍ବନ କର ଯେଉଁ ପନ୍ଥାକୁ ଅନ୍ୟମାନେ ବୁଝି ପାରିବେ ଏବଂ ଉକ୍ତ ପନ୍ଥା ଦ୍ୱାରା ଭ୍ରମଧାରଣା ଦୂରୀଭୂତ ହୋଇପାରିବ । ଅର୍ଥାତ୍ ସେହି କଥା କହିବା ଉଚିତ୍ ନୁହଁ ଯାହା ନିରକ୍ଷରତା ତଥା ମୂର୍ଖତାର ମୂଳୋତ୍ପାଟନ କରିଦେବ । ତେଣୁ ଏପରି କଥା କହିବା ଉଚିତ୍ ଯାହା ସମ୍ବୋଧିତ (ସମ୍ମୁଖରେ ଉପସ୍ଥିତ ଥିବା) ବ୍ୟକ୍ତିର ବୁଦ୍ଧି ଅନୁଯାୟୀ ହେବା ଉଚିତ୍। ସୁତରାଂ ହଦିସ୍‌ରେ ଏହା ବର୍ଣ୍ଣିତ ହୋଇଛି ଯେ, اَمَرَنَا رَسُوْلُ اللّٰهِ صَلَّى اللّٰهُ عَلَيْهِ وَآلِهٖ وَسَلَّمَ اَنْ نُكَلِّمَ النَّاسَ عَلٰى قَدْرِ عُقُوْلِهِمْ **(ଫିର୍ଦୌସୁଲ୍ ଅଖ୍‌ବାର୍, ଯଲମି ଫସଲ୍, ଅମୃତସର)** ଅର୍ଥାତ୍ ଆଁହଜରତ ସ.ଅ ଆମମାନଙ୍କୁ ଏହି ଆଦେଶ ଦେଇଛନ୍ତି ଯେ, ଲୋକମାନଙ୍କୁ ସେମାନଙ୍କ ବୁଦ୍ଧି ଏବଂ ବୋଧତ୍ୱ ଅନୁଯାୟୀ କୌଣସି କଥା କହିବା ଉଚିତ୍। କେତେକ ଲୋକମାନେ ଅନ୍ୟ ଲୋକମାନଙ୍କୁ ବଡ଼ ବଡ଼ ଉପଦେଶ ଏବଂ ଭାଷଣ ତଥା ପ୍ରବଚନ ଦେଇଥାଆନ୍ତି । ସେହି ଲୋକମାନେ ସାଧାରଣ ଲୋକମାନଙ୍କ ଉପରେ ଆଲଂକାରିକ, ଆଭିଧାନିକ ଏବଂ ପରିଭାଷା ଜନିତ ଶବ୍ଦ ଓ ବାକ୍ୟ ପ୍ରୟୋଗ କରି ସେମାନଙ୍କ ଉପରେ ନିଜର ଆତଙ୍କ ସୃଷ୍ଟି କରିବାକୁ ଚାହାନ୍ତି । ସେହି ଭାଷଣ ଦ୍ୱାରା ମୂର୍ଖ ବ୍ୟକ୍ତିମାନଙ୍କ ଉପରେ କୌଣସି ଆତଙ୍କ ତଥା ଭୟ ପଡ଼ି ନଥାଏ ଏବଂ ବକ୍ତାଙ୍କର ଭାଷଣ ଦ୍ୱାରା ସେହି ମୂର୍ଖ ଓ ଅବୋଧ ବ୍ୟକ୍ତିଙ୍କୁ କୌଣସି ଲାଭ ମଧ୍ୟ ମିଳି ନଥାଏ ।"

مُوَافِقُ الْحَقِّ (ସତ୍ୟାନୁଯାୟୀ କଥା କହିବା)କୁ ମଧ୍ୟ ହିକମତ୍ (ଗୂଢ଼ତତ୍ତ୍ୱ) କୁହନ୍ତି । ଏହି ଅର୍ଥ ଦୃଷ୍ଟିରୁ ଆୟତ୍‌ର ଅର୍ଥ ଏହା ହେବ ଯେ, ତୁମେମାନେ ଏପରି କୁହ ଯାହା ସତ୍ୟ ଏବଂ ପ୍ରକୃତ ଘଟଣା ଅନୁଯାୟୀ ହୋଇଥିବା ଉଚିତ୍ । ବେଳେବେଳେ କେତେକ ଲୋକମାନେ ଏହା ମନେକରନ୍ତି ଯେ, ସେମାନେ ଲୋକମାନଙ୍କୁ ସତ୍ୟ ଧର୍ମ ଆଡ଼କୁ ଆମନ୍ତ୍ରିତ କରୁଛନ୍ତି । ସେହିପିର ଆଉ କେତେକ ଲୋକମାନେ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଭୁଲ କଥା ବର୍ଣ୍ଣନା କରିଦେଇ ଥାଆନ୍ତି । ଉକ୍ତ ପନ୍ଥାଟି ଭୁଲ୍ ପନ୍ଥା ଅଟେ । ତେଣୁ ତୁମେମାନେ ଶତ୍ରୁ ବିପକ୍ଷରେ ଯେଉଁ କଥା କହିବ ତାହା ସତ୍ୟ ହେବା ଉଚିତ୍ । ଅନ୍ୟମାନଙ୍କୁ ସତ୍‌ମାର୍ଗ ପ୍ରଦାନ ନିଜେ **(ଅବଶିଷ୍ଟାଂଶ....ପୃ-10ରେ)**

## ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଆଁହଜରତ୍ ସ.ଅ ହ. ଅଲୀ ର.ଅଙ୍କୁ କହିଲେ, اَلَا تَرْضٰى اَنْ تَكُوْنَ مِنِّيْ بِمَنْزِلَةِ هَارُوْنَ مِنْ مُوْسٰى اِلَّا اَنَّهٗ لَيْسَ نَبِيٌّ بَعْدِيْ
ଅର୍ଥାତ୍ ହେ ଅଲୀ ! କ'ଣ ତୁମେ ମୋ ପାଇଁ ଠିକ୍ ସେହିପରି ନାହଁ ଯେପରି ମୁସା ଅ.ସଙ୍କ ନିମନ୍ତେ ହାରୁନ୍ ଥିଲେ ? କିନ୍ତୁ ମୋ ପରେ ଅବତାର ଆଉ ନାହିଁ ।

---

ଉକ୍ତ ମୌଳିକ ନୀତିକୁ ସ୍ମରଣ ରଖିବା ଉଚିତ୍ ଯେ, ଜମାଅତ୍‌ର ବ୍ୟବସ୍ଥା ବିରୁଦ୍ଧୀୟ ଯଦି କୌଣସି କଥା ହୁଏ ବା ଥାଏ ସେଥି ପ୍ରତି ଯଦି କଠୋରତା ପ୍ରଦର୍ଶନ କରାଯାଏ ତେବେ ସେଠାରେ କୋମଳତାର ଆଉ ପ୍ରଶ୍ନ ଉଠୁ ନାହିଁ ।

---

ମୁଁ ତ'ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଯଦି ବର୍ତ୍ତମାନେ କୌଣସି ରାଣ ଖାଇନିଏ ଯେ, ମୁଁ ଅମକ କଥା ବ୍ୟତୀତ ଅନ୍ୟ କୌଣସି କଥାକୁ ଉତ୍ତମ ବୋଲି ମନେକରିବି ନାହିଁ ତେବେ ଇନ୍‌ଶାଅଲ୍ଲାଃ ମୁଁ ଅବଶ୍ୟ ସେହି କଥା ହିଁ କହିବି ଯାହା ଉତ୍ତମ ହୋଇଥିବ ଓ ସେହି ରାଣର କଫ୍‌ଫାରାହ୍ (କ୍ଷତିପୂରଣ) ପୈଠ କରିଦେବି । (ଅଲ୍ ହଦିସ୍)

---

ତୁବୁକ୍ ଯୁଦ୍ଧରେ ଆଁହଜରତ୍ ସ.ଅ ସବୁଠୁ ବଡ଼ ଧ୍ୱଜା ହ. ଅବୁ ବକ୍କର୍ ର.ଅଙ୍କୁ ପ୍ରଦାନ କରିଥିଲେ । ଏତଦ୍‌ଭିନ୍ନ ହ. ଜୁବୈର୍ ର.ଅ, ହ. ଉସୈଦ୍ ବିନ୍ ହୁଜୈର୍, ଅବୁ ଦୁଜାନା ର.ଅ ଅବା ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ହ. ହୁବ୍‌ବାହ୍ ବିନ୍ ମୁନ୍‌ଜିର୍ ର.ଅଙ୍କୁ ମଧ୍ୟ ଆପଣ ସ.ଅ ଧ୍ୱଜା ପ୍ରଦାନ କରିଥିଲେ ।

---

ଆଁହଜରତ୍ ସ.ଅ ଯୁଦ୍ଧ ନିମନ୍ତେ ପ୍ରସ୍ତୁତି ହେବା ନିମନ୍ତେ ପ୍ରତ୍ୟେକ ପ୍ରକାରର ପ୍ରକାଶ୍ୟ ସାଧାନର ବ୍ୟବସ୍ଥା କରିବା ପରେ ଦୁଆ କରିବା ପ୍ରତି ଧ୍ୟାନ ଦେଲେ ଏବଂ ପ୍ରସ୍ତୁତିର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ତୁବୁକ୍ ଯୁଦ୍ଧ ଅଭିମୁଖେ ଯିବା ପର୍ଯ୍ୟନ୍ତ ଏହି ଦୁଆ କୁରଥିଲେ ଯେ, اَللّٰهُمَّ اِنْ تُهْلِكْ هٰذِهِ الْعِصَابَةَ فَلَنْ تُعْبَدَ فِي الْاَرْضِ ଅର୍ଥାତ୍ ହେ ଈଶ୍ୱର ! ଏହି ଛୋଟିଆ ସଂପ୍ରଦାୟର ଯଦି ବିନାଶ ଘଟିଲା ତେବେ ଭୂପୃଷ୍ଠରେ ଆଉ କେହି ବି ତୁମ୍ଭର ଉପାସନାକାରୀ ବ୍ୟକ୍ତି ରହିବେ ନାହିଁ । ଏହା ଅତ୍ୟନ୍ତ ବିଚିତ୍ର ଏବଂ ଆକସ୍ମିକ ସଂଯୋଗ ଯେ, ଆଁହଜରତ ସ.ଅଙ୍କ ସର୍ବ ପ୍ରଥମ ଯୁଦ୍ଧ ଅର୍ଥାତ୍ ବଦର୍ ଯୁଦ୍ଧ ଅବସରରେ ମଧ୍ୟ ଉପରୋକ୍ତ ପ୍ରାର୍ଥନା (ଦୁଆ)ର ଚର୍ଚ୍ଚା ମିଳେ ।

---

ତୁବୁକ୍ ଯୁଦ୍ଧ ନିମନ୍ତେ ଆଁହଜରତ୍ ସ.ଅ ଗୁରୁବାର ଦିନ ବାହାରିଥିଲେ ଏବଂ ଆପଣ ସ.ଅ ଗୁରୁବାର ଦିନ ଯାତ୍ରା କରିବାକୁ ପସନ୍ଦ କରୁଥିଲେ (ଭଲ ପାଉଥିଲେ) ।

---

### ତୁବୁକ୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

---

ଇଣ୍ଡୋନେସିଆର ମୁବଲ୍ଲିଗ୍ ସିଲ୍‌ସିଲା ସ୍ୱର୍ଗତ ଶ୍ରୀଯୁକ୍ତ ଗୁଲାମ୍ ମୋହିଉଦ୍ଦୀନ୍ ସାହେବ, ତେହ୍‌ରିକେ ଜଦିଦ୍ ରବ୍‌ୱାର ନାଏବ୍ ୱକିଲୁତ୍ ତସ୍‌ନିଫ୍ ସ୍ୱର୍ଗତ ଶ୍ରୀଯୁକ୍ତ ଡାକ୍ତର ମୁହମ୍ମଦ୍ ଶଫିକ୍ ସେହଗଲ୍ ସାହେବ
ଓ
ଶ୍ରମତୀ ସ୍ୱର୍ଗତା ବୁଶ୍ରୀ ପର୍‌ୱେଜ୍ ମିନ୍‌ହାସ୍ ସାହେବାଙ୍କ ବିୟୋଗ ଏବଂ ଏହି ମୃତକ ମୃତକାମାନଙ୍କ ନମାଜ୍ ଯନାଜାଃର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।

---

24 October 2025 ମସିହା ଅନୁଯାୟୀ ୨୪ ଇଖା ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।
ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଯେପରିକି ମୁଁ ବିଗତ ଖୁତ୍‌ବାରେ ତୁବୁକ୍ ଯୁଦ୍ଧ ସଂପର୍କରେ ସଂକ୍ଷିପ୍ତ ଚର୍ଚ୍ଚା କରିଥିଲି, ଏହାର ଅତିରିକ୍ତ ଚର୍ଚ୍ଚା ମୁଁ ଆଜି ମଧ୍ୟ ବର୍ଣ୍ଣନା କରିବି । ଅତଏବ୍ ଜଦ୍ଦ୍ ବିନ୍ କୈସ୍ ନାମକ ଜଣେ ବ୍ୟକ୍ତିର ଘଟଣା ବର୍ଣ୍ଣିତ ହୋଇଛି । ଏହି ବ୍ୟକ୍ତି ମଧ୍ୟ କପଟବିଶ୍ୱାସକାରୀମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲା । ଏହି ବ୍ୟକ୍ତି ଅବ୍‌ଦୁଲ୍ଲାଃ ବିନ୍ ଉବେି ପରେ କପଟବିଶ୍ୱାସୀମାନଙ୍କର ଦ୍ୱିତୀୟ ନେତା ଥିଲା । ଅବ୍‌ଦୁଲ୍ଲାଃ ବିନ୍ ଉବେି ସହିତ ମିଶି ବିଭିନ୍ନ ଷଡ଼ଯନ୍ତ୍ରରେ ଏହି ବ୍ୟକ୍ତି ଲିପ୍ତ ଥିଲା । ଏ ହେଉଛି ସେହି ବ୍ୟକ୍ତି ଯିଏ ସୁଲାହ୍ ହୁଦୈବିୟାହ୍ ଅବସରରେ ମଧ୍ୟ ବୈଅତ୍ କରି ନଥିଲା । ଏହି ବ୍ୟକ୍ତି ଅର୍ଥାତ୍ ଜଦ୍ଦ୍ ବିନ୍ କୈସ୍ ମଧ୍ୟ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଯୁଦ୍ଧକୁ ନଯିବା ନିମନ୍ତେ କ୍ଷମାଯାଚନା କରିଥିଲା। କିନ୍ତୁ ବାହାନା ମଧ୍ୟ ବଡ଼ ବିଚିତ୍ର ଏବଂ ଅତ୍ୟନ୍ତ ବାଯ୍ୟ ପ୍ରକାରର ବାହାନା ଥିଲା । ସୁତରାଂ ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ତୁବୁକ୍ ଯୁଦ୍ଧ ଅବସରରେ ରସୁଲୁଲ୍ଲାଃ ସ.ଅ ଜଦ୍ଦ୍ ବିନ୍ କୈସ୍ ଠାରୁ ଯେ କି ବନୁ ସଲ୍‌ମାର ଅଧିପତି ଥିଲା ତାକୁ କହିଲେ, ହେ ଜଦ୍ଦ୍ ! ତୁ ଚଳିତ ବର୍ଷ ବନୁ ଅସ୍‌ଫର୍ ଅର୍ଥାତ୍ ରୋମୀୟମାନଙ୍କ ସହିତ ଜିହାଦ୍ କରିବାକୁ ଯିବୁ କି ? ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋତେ ଆପଣ ସ.ଅ କ୍ଷମା କରି ଦିଅନ୍ତୁ, ମୋତେ ଆପଣ ସ.ଅ ଅବ୍ୟାହତି (ଛୁଟି) ପ୍ରଦାନ କରନ୍ତୁ ଏବଂ ମୋତେ ଧର୍ମ ସଂକଟରେ ଆଦୌ ପକାନ୍ତୁ ନାହିଁ । ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ! ମୋ ଜାତି ମୋ ସଂପର୍କରେ ଭଲ ଭାବରେ ଜାଣିଛି ଯେ, ମହିଳାମାନଙ୍କୁ ମୋ ବ୍ୟତୀତ ଅନ୍ୟ କେହି ବି ଭଲ ପାଉ ନାହିଁ । ମୁଁ ଭୟଭୀତ ଯେ, ଯଦି ମୋତେ ବନୁ ଅସ୍‌ଫର୍ ଅର୍ଥାତ୍ ରୋମୀୟମାନଙ୍କର ମହିଳାମାନେ ଦେଖିଦେଲେ ତେବେ ମୁଁ ଆଉ ଧୈର୍ଯ୍ୟ ଧରି ରହିପାରିବି ନାହିଁ । ରସୁଲୁଲ୍ଲାଃ ସ.ଅ ଉକ୍ତ ବାଯ୍ୟ ଉତ୍ତର ଶୁଣି ତା' ଠାରୁ ମୁହଁ ବୁଲାଇ ନେଲେ ଏବଂ କହିଲେ, ଠିକ୍ ଅଛି ତୁମେ ଯୁଦ୍ଧକୁ ନଯିବ ନାହିଁ । ମୁଁ ତୁମକୁ ଯୁଦ୍ଧକୁ ନଯିବା ପାଇଁ ଅନୁମତି ପ୍ରଦାନ କରୁଛି । ତୁମର ଯୁଦ୍ଧକୁ ଯିବାର କୌଣସି ଆବଶ୍ୟକତା ନାହିଁ । ଜଦ୍ଦ୍ ବିନ୍ କୈସ୍‌ର ପୁତ୍ର ହ. ଅବ୍‌ଦୁଲ୍ଲାଃ ବିନ୍ ଜଦ୍ଦ୍ ଯେକି ଜଣେ ସାହାବି ଥିଲେ ଏବଂ ଅତ୍ୟନ୍ତ ନୈଷ୍ଠିକ ମୁସଲମାନେ ବ୍ୟକ୍ତି ଥିଲେ ସେ ନିଜ ପିତାଶ୍ରୀଙ୍କ ପାଖକୁ ଆସିଲେ ଏବଂ ନିଜର ପିତାକୁ କହିଲେ, ହେ ପିତାଶ୍ରୀ ! ଆପଣ ଆଁହଜରତ ସ.ଅଙ୍କ ନିମନ୍ତ୍ରଣକୁ କାହାକିଁ ରଦ୍ଦ କରିଦେଲେ ? ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି! ବନୁ ସଲ୍‌ମା ସଂପ୍ରଦାୟ ମଧ୍ୟରେ ତୁମ ଅପେକ୍ଷା ଅନ୍ୟ କୌଣସି ବ୍ୟକ୍ତି ଧନୀକ ନୁହେଁ। ପିତାଶ୍ରୀ ! ଆପଣ ନା ନିଜେ ଯୁଦ୍ଧକୁ ବାହାରୁଛନ୍ତି ଓ ନା ହିଁ ଅନ୍ୟମାନଙ୍କୁ ବାହାରିବାକୁ ଦେଉଛନ୍ତି ? ଅର୍ଥାତ୍ କୌଣସି ଜିହାଦ୍‌କାରୀର ବାହାନର ବ୍ୟବସ୍ଥା ମଧ୍ୟ କରୁ ନାହାନ୍ତି। ଅବ୍‌ଦୁଲ୍ଲାଃଙ୍କ ପିତାଶ୍ରୀ ଜଦ୍ଦ୍ କହିଲା, ହେ ମୋର ସୁପୁତ୍ର ! ମୋର କ'ଣ ଅସୁବିଧା ହୋଇଛି ଯେ, ମୁଁ ଏତେ ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ଅଭାବ ଓ ଅନଟନ କାଳରେ ବନୁ ଅସ୍‌ଫର୍ ସଂପ୍ରଦାୟ (ରୋମୀୟମାନଙ୍କ) ଆଡ଼କୁ ବାହାରିବି । ହେ ମୋର ପୁତ୍ର! ମୁଁ ନିଜ

ଘରେ ଏବଂ ନିଜ ଅଞ୍ଚଳରେ ରହି ମଧ୍ୟ ରୋମୀମାନଙ୍କ ଠାରୁ ଭୀତତ୍ରସ୍ତ ହୋଇଯାଉଛି ଆଉ ମୁଁ ଯୁଦ୍ଧ ଲଢିବା ପାଇଁ ସେମାନଙ୍କ ଅଞ୍ଚଳକୁ କିପରି ଯାଇପାରିବି ? ମୁଁ ତ' ଘରେ ବସି ଏତେ ଭୟଭୀତ ହେଉଛି ଯେ, କିଛି କହି ପାରିବି ନାହିଁ । ହେ ମୋର ସୁପୁତ୍ର ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ମୁଁ ଅତ୍ୟନ୍ତ ବୁଦ୍ଧିମାନ ଓ ଅନୁଭବି ବ୍ୟକ୍ତି ଅଟେ । ମୁଁ ଯୁଦ୍ଧ ସହିତ ଅବଗତ ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଜଦ୍ ବିନ୍ କୈସ୍ ଏହା କହୁଥିଲା ଯେ, ମହାଶକ୍ତିଶାଳୀ ରୋମୀୟମାନଙ୍କ ସହିତ ଯୁଦ୍ଧ କରିବା କୌଣସି ବୁଦ୍ଧିମତାର କଥା ନୁହଁ । ଉପରୋକ୍ତ ସମସ୍ତ କଥା ଶୁଣି ତା'ର ନିଷ୍ଠାପର ପୁତ୍ର ରୁଷ୍ଟ (ନାରାଜ୍) ହୋଇଗଲା ଏବଂ କହିବାକୁ ଲାଗିଲା: ନାହିଁ । ମୁଁ ଅଲ୍ଲାଃତାଲାଙ୍କର ଶପଥ (ରାଣ ଖାଇ) କରି କହୁଛି ଏହା ଶତ୍ରୁତା ଓ ଧୋକ୍କା ଅଟେ । ଏହି କାରଣରୁ ଆପଣ ଯୁଦ୍ଧକୁ ଯାଉ ନାହାନ୍ତି । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ତୁମ ସଂପର୍କରେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ମୁହମ୍ମଦ୍ ସ.ଅଙ୍କ ଉପରେ ଅବଶ୍ୟ ପବିତ୍ର କୁରଆନ୍ କରୀମ୍ର ଐଶୀବାଣୀ ଅବତୀର୍ଣ୍ଣ ହେବ । ଇତିହାସବିତ୍ମାନେ କୁହନ୍ତି ଯେ, ଜଦ୍ ବିନ୍ କୈସ୍ ନିଜର ଜୋତା ଧରି ନିଜ ପୁତ୍ରର ମୁହଁକୁ ମାରିବାକୁ ଲାଗିଲେ । ଫଳତଃ ଜଦ୍ ବିନ୍ କୈସ୍ର ପୁତ୍ର ହ. ଅବଦୁଲ୍ଲାଃ ବିନ୍ ଜଦ୍ ସେଠାରୁ ଫେରି ଆସିଲେ ଏବଂ ନିଜ ପିତାଙ୍କ ସହିତ କୌଣସି କଥାବାର୍ତ୍ତା କଲେ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଜଦ୍ ବିନ୍ କୈସ୍ ସଂପର୍କରେ ପବିତ୍ର କୁରଆନ୍ କରୀମ୍ରେ ଏହି ଆୟତ୍ ଅବତୀର୍ଣ୍ଣ ହେଲା । وَمِنْهُمْ مَّنْ يَّقُوْلُ ائْذَنْ لِّيْ وَلَا تَفْتِنِّيْ **(ଅତ୍‌ତୌବା: 49)** ଅନୁବାଦ୍: ଏବଂ ସେମାନଙ୍କ ମଧ୍ୟରୁ ଏପରି କେତେକ କପଟବିଶ୍ୱାସୀମାନେ ମଧ୍ୟ ଅଛନ୍ତି ଯେଉଁମାନେ କୁହନ୍ତି ଯେ, "ଆମମାନଙ୍କୁ ପଛରେ ରହିଯାବି ପାଇଁ ଅନୁମତି ପ୍ରଦାନ କର ଏବଂ ଆମମାନଙ୍କୁ ଯୁଦ୍ଧରେ ଯିବା ନିମନ୍ତେ ପରୀକ୍ଷା କର ନାହିଁ । ଜାଣିରଖ ! ଏହି ଲୋକମାନେ ଆଦ୍ୟରୁ ବିଶୃଙ୍ଖଳାରେ ଜଡ଼ିତ ରହିଛନ୍ତି ଏବଂ ନର୍କ ଅବିଶ୍ୱାସକାରୀମାନଙ୍କୁ ନିଶ୍ଚୟ ବିନାଶ କରିବ ।" **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-815, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2001 ମସିହା) (ଶରହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-72, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-463-465, ମକ୍‌ତବା ଦାରୁସ୍ ସଲାମ୍)(ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-2, ପୃ-181-182, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2012 ମସିହା)(ଉସ୍‌ଦୁଲ୍ ଗାବା, ଗ୍ରନ୍ଥଖଣ୍ଡ-1, ପୃ-521, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2003 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପରବର୍ତ୍ତୀ ସମୟରେ ଏହି କପଟବିଶ୍ୱାସ, ଚଞ୍ଚକତା ଆଉ ରହିଲ ନାହିଁ । ବରଂ ଜଦ୍ ବିନ୍ କୈସ୍ ମୁସଲମାନ ହୋଇଗଲା । ଯେଉଁ ଷଡ଼ଯନ୍ତ୍ରକାରୀମାନେ ରହିଥିଲେ ସେମାନେ ସେଠାକାର ଏକ ସ୍ଥାନରେ ଏକତ୍ରିତ ହୋଇ ଯୁଦ୍ଧ ସଂକ୍ରାନ୍ତରେ ଷଡ଼ଯନ୍ତ୍ର ମଧ୍ୟ କରୁଥିଲେ । ଏହାର ସବିଶେଷ ବିବରଣୀ କିଛି ଦିନ ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇଥିଲା । ଅର୍ଥାତ୍ ସେହି ଷଡ଼ଯନ୍ତ୍ରକାରୀମାନେ ନିଜର ଏକ କେନ୍ଦ୍ର ସ୍ଥାପନ କରିଥିଲେ । ଆଁହଜରତ ସ.ଅ ସେହି କେନ୍ଦ୍ରକୁ ସମାପ୍ତ କରିବା ନିମନ୍ତେ ଆଦେଶ ଦେଇଥିଲେ । ଅତଏବ୍ ଏହାର ବିସ୍ତୃତ ବିବରଣୀ ସଂପର୍କରେ ଉଲ୍ଲେଖ ରହିଛି ଯେ, ମଦିନାରେ କପଟବିଶ୍ୱାସୀ ଏବଂ ଇହୁଦୀମାନେ ସେହି ଷଡ଼ଯନ୍ତ୍ରରେ ବ୍ୟସ୍ତ ଥିଲେ । ଅର୍ଥାତ୍ ମିଛ ଗୁଜୁବ ପ୍ରଚାର କରି ମୁସଲମାନମାନଙ୍କୁ ସାହସଚ୍ୟୁତ କରିବା ନିମନ୍ତେ ସେମାନେ ଉଦ୍ୟମ କରୁଥିଲେ । ସେହିପରି ସେହି ଷଡ଼ଯନ୍ତ୍ରକାରୀମାନେ ମୁସଲମାନମାନଙ୍କୁ ଯୁଦ୍ଧରେ ସାମିଲ୍ ନହେବା ପାଇଁ ଅଟକାଇବା ନିମନ୍ତେ ଆପ୍ରାଣ ଉଦ୍ୟମ ଓ ନାନା ଉପାୟ ମଧ୍ୟ ଅବଲମ୍ବନ କରୁଥିଲେ । ନିଷ୍ଠା ଓ ଦୃଢବିଶ୍ୱାସକାରୀମାନେ କପଟବିଶ୍ୱାସୀଙ୍କ ଏହି ଘୃଣ୍ୟ ଭୂମିକାରୁ କେବଳ ଅବଗତ ନଥିଲେ ବରଂ ସେମାନଙ୍କ ଉପରେ ଦୃଷ୍ଟି ମଧ୍ୟ ରଖିଥିଲେ ଓ ଆଁହଜରତ ସ.ଅଙ୍କ ସେବାରେ ସେହି ଲୋକମାନଙ୍କର ରିପୋର୍ଟ ପହଞ୍ଚୁଥିଲା । ଅର୍ଥାତ୍ ଆଁହଜରତ ସ.ଅ ନିଜର ଅସୀମ ଦୟା ଓ ବାତ୍ସଲ୍ୟତା ଯୋଗୁଁ ସେହି ଲୋକମାନଙ୍କୁ ଅଣଦେଖା କରୁଥିଲେ ଏବଂ ସେମାନଙ୍କ ପ୍ରତି କ୍ଷମା ପ୍ରଦର୍ଶନ କରୁଥିଲେ । କିନ୍ତୁ ଯେତେବେଳେ ବ୍ୟବସ୍ଥାପିକା ଏବଂ ଧର୍ମ ବିରୁଦ୍ଧରେ କୌଣସି ଭୟଙ୍କର ଷଡ଼ଯନ୍ତ୍ର ହେଉଥିଲା ସେତେବେଳେ ସେହି ଷଡ଼ଯନ୍ତ୍ରକୁ ଅତ୍ୟନ୍ତ ତାତ୍ତ୍ୱିକପୂର୍ଣ୍ଣତାର ସହିତ ସମାପ୍ତ କରିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଥିଲା ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ମୌଳିକ ନୀତିକୁ ସ୍ମରଣ ରଖିବା ଉଚିତ୍ ଯେ, ଜମାଅତ୍‌ର ବ୍ୟବସ୍ଥା ବିରୁଦ୍ଧୀୟ ଯଦି କୌଣସି କଥା ହୁଏ ବା ଥାଏ ସେଥି ପ୍ରତି ଯଦି କଠୋରତା ପ୍ରଦର୍ଶନ କରାଯାଏ ତେବେ ସେପରିପ୍ରେକ୍ଷୀରେ କୋମଳତାର ଆଉ ପ୍ରଶ୍ନ ଉଠୁ ନାହିଁ । ସୁତରାଂ ଇତ୍ୟବସରରେ ସେହିପରି ଏକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିଲା । ଅତଏବ୍ ଏକ୍ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ଯେତେବେଳେ ସୂଚନା ପ୍ରାପ୍ତ ହେଲା ଯେ, କପଟବିଶ୍ୱାସୀମାନେ ସୁୱୈଲମ୍ ଇହୁଦୀ ବ୍ୟକ୍ତିର ଘରେ ଏକତ୍ରିତ ହେଉଛନ୍ତି । ସୁୱୈଲମ୍ ଇହୁଦୀର ଘର ଜାସୁମ୍ ପାଖରେ ଅବସ୍ଥିତ ଥିଲା । ମଦିନାରେ ଜାସୁମ୍ ନାମକ ଏକ କୂପ (କୂଅ) ରହିଥିଲା । ସେହି କୂପକୁ ବେଏରେ ଜାସିମ୍ ମଧ୍ୟ କୁହନ୍ତି । ଏହି କପଟବିଶ୍ୱାସୀମାନେ ତୁବୁକ୍ ଯୁଦ୍ଧରେ ଆଁହଜରତ ସ.ଅଙ୍କ ସହିତ ଯିବାରୁ ଅଟକି ଯାଇଥିଲେ । ପ୍ରକକୃତରେ ମଦିନାରେ ମୁସଲମାନମାନଙ୍କୁ ଉକ୍ତ ଯୁଦ୍ଧରେ ନଯିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ନକାରାତ୍ମକ ଯୋଜନାରେ ସମସ୍ତ ଷଡ଼ଯନ୍ତ୍ର ପ୍ରସ୍ତୁତ କରାଯାଉଥିଲା । ରସୁଲୁଲ୍ଲାଃ ସ.ଅ ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅଙ୍କୁ କେତେକ ସଦସ୍ୟବୃନ୍ଦଙ୍କ ସହିତ ସେହି ଆଡ଼କୁ ପ୍ରେରଣ କଲେ ଏବଂ ଆଦେଶ ଦେଲେ ଯେ, ସୁୱୈଲମ୍‌ର ଘରେ ନିଆଁ ଲଗାଇ ଦିଆଯାଉ। ଅର୍ଥାତ ସୁୱୈଲମ୍‌ର ସଂହାର କରିଦିଅ ଓ ସୁୱୈଲମ୍‌ର ଘରକୁ ଭୂମିସାତ୍ କରିଦିଅ। ସେତେବେଳେ ସବୁ କଚ୍ଚା ଘର ହେଉଥିଲା । ହ. ତଲ୍‌ହା ର.ଅ ଏହିପରି ହିଁ କଲେ । ଅତଏବ୍ ସେଠାରେ ଯେଉଁ କପଟବିଶ୍ୱାସୀମାନେ ଉପସ୍ଥିତ ଥିଲେ ସେମାନେ ସମସ୍ତେ ପଳାୟନ କଲେ । ସେହି ପଳାୟନକାରୀମାନଙ୍କ ମଧ୍ୟରୁ ଜହାକ୍ ବିନ୍ ଖଲିଫା ନାମକ ଜଣେ ବ୍ୟକ୍ତି ମଧ୍ୟ ରହିଥିଲା । ଏହି ବ୍ୟକ୍ତି ଜଣକ କପଟବିଶ୍ୱାସକାରୀମାନଙ୍କ ସହିତ ମିଶିଥିଲା । ସେ ଘରର ଛାତ ଉପରେ ଚଢିଗଲା ଏବଂ ଛାତର ପଛପଟୁ ତଳକୁ ଡେଇଁ ପଡ଼ିଲା । ଯଦ୍ଦ୍ୱାରାକି ତା'ର ଗୋଡ଼ ଏବଂ କଟଟ ବା ମଣିବନ୍ଧ (Wrist) ଭାଙ୍ଗିଗଲା। ଆଁହଜରତ ସ.ଅଙ୍କ ଅସୀମ୍ ଦୟା ଏବଂ ଆପଣ ସ.ଅଙ୍କ କ୍ଷମା ଏପରି ସଂପ୍ରସାରିତ ହେଲା ଯେ, ଆପଣ ସ.ଅ ସେହି କପଟବିଶ୍ୱାସକାରୀମାନଙ୍କ ମଧ୍ୟରୁ କାହାରିକୁ ବି ଗିରଫ ନକରିବା ନିମନ୍ତେ ଆଦେଶ ଦେଲେ ଏବଂ କୌଣସି ଅତିରିକ୍ତ ଶାସ୍ତି ପ୍ରଦାନ କଲେ ନାହିଁ । କିନ୍ତୁ ଷଡ଼ଯନ୍ତ୍ରର ସେହି ଆଡ୍‌ଡ଼ାକୁ ଅର୍ଥାତ୍ ହେଡ୍ କ୍ୱାର୍ଟର୍‌କୁ ଧ୍ୱଂସ କରିଦେଲେ । **(ଶରହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-72, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା) (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-816, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2001 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-463-467, ମକ୍‌ତବା ଦାରୁସ୍ ସଲାମ୍)(ଜୀବନୀ ଶବ୍ଦକୋଷ, ପୃ-84, ଜୱାର୍ ଏକାଡ଼େମୀ ପବ୍ଲିକେଶନ୍‌ସ୍, କରାଚୀ-2003 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧର ଯାତ୍ରା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ପ୍ରସ୍ତୁତ ହେବାରେ ବ୍ୟସ୍ତ ଥିଲା । ଆର୍ଥିକ ବଳିଦାନର ପରମ୍ପରା ମଧ୍ୟ ଅବ୍ୟାହତ ଥିଲା । ଯାତ୍ରା ଖର୍ଚ୍ଚର ବ୍ୟବସ୍ଥା ହୋଇଯାଉ । ଇତ୍ୟବସରରେ କେତେକ ସାହାବାମାନେ କାନ୍ଦି କାନ୍ଦି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ସେମାନେ ଆପଣ ସ.ଅଙ୍କ ଠାରୁ ବାହନ ମାଗିବାକୁ ଲାଗିଲେ ଏବଂ ସେମାନେ ଅଭାବି ଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ, ମୋ ନିକଟରେ ବର୍ତ୍ତମାନ ଆଉ କିଛି ବି ବାହନ ନାହିଁ ଯାହା ଉପରେ ମୁଁ ତୁମମାନଙ୍କୁ ଆରୋହଣ କରାଇ ପାରିବି । ପ୍ରତ୍ୟୁତ୍ତରରେ ସେମାନେ କାନ୍ଦି କାନ୍ଦି ଫେରିଗଲେ । ସେହି ସାହାବାମାନଙ୍କର ନିଷ୍ଠା ଓ ବିଶ୍ୱସ୍ତତା ତଥା ନିଃସହାୟତାର ଏହି ଅବସ୍ଥା ଥିଲା ଯେ, ସେହି ଅବସ୍ଥା ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, وَّلَا عَلَى الَّذِيْنَ اِذَا مَاۤ اَتَوْكَ لِتَحْمِلَهُمْ قُلْتَ لَاۤ اَجِدُ مَاۤ اَحْمِلُكُمْ عَلَيْهِ تَوَلَّوْا وَّاَعْيُنُهُمْ تَفِيْضُ مِنَ الدَّمْعِ حَزَنًا اَلَّا يَجِدُوْا مَا يُنْفِقُوْنَ **(ଅତ୍ ତୌବା: 92)** ଏବେ ସେମାନଙ୍କ ବିରୁଦ୍ଧରେ ମଧ୍ୟ କୌଣସି ଅଭିଯୋଗ ନାହିଁ ଯେଉଁମାନେ ତୁମ୍ଭ ନିକଟକୁ ସେତେବେଳେ ଆସିଥିଲେ ଯେତେବେଳେ ଯୁଦ୍ଧ ଘୋଷଣା କରାଯାଇଥିଲା। ସେମାନେ ଏଥି ସକାଶେ ଆସିଥିଲେ ଯେ, ତୁମ୍ଭେ ସେମାନଙ୍କ ସକାଶେ କୌଣସି ବାହନର ବ୍ୟବସ୍ଥା କରିଦେବ । ତୁମ୍ଭେ ଉତ୍ତର ଦେଇଥିଲ ଯେ, ଆମ୍ଭ ନିକଟରେ ଏପରି କିଛି ନାହିଁ ଯାହା ଉପରେ ଆମ୍ଭେ ତୁମ୍ଭମାନଙ୍କୁ ଆରୋହଣ କରାଇଦେବୁ । ଏହା ଶୁଣି ସେମାନେ ଫେରି ଯାଇଥିଲେ ଏବଂ ଦୁଃଖରେ ସେମାନଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଉଥିଲା ଯେ, ହାୟ ! ସେମାନଙ୍କ ନିକଟରେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବାକୁ କିଛି ବି ନଥିଲା ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହି ଅଭାବ, ଦାରିଦ୍ର୍ୟତା, ନିଃସହାୟତା ଯୋଗୁଁ ଓ ସେମାନଙ୍କର ଜୋରରେ ବିଳାପ ତଥା ରୋଦନ କରିବା ଯୋଗୁଁ ଇତିହାସ ଓ ଜୀବନୀ ପୁସ୍ତକମାନଙ୍କରେ ତ' ପ୍ରାୟ 18ଟି ନାମୋଲ୍ଲେଖ ଥିବାର ଜଣାଯାଏ । କିନ୍ତୁ ସର୍ବାଧିକ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

7 ଜଣ ବ୍ୟକ୍ତିଙ୍କର ନାମୋଲ୍ଲେଖ ସଂପର୍କରେ ସହମତି ପ୍ରକାଶ ପାଇଛି । ସେହି ଲୋକମାନଙ୍କ ମଧ୍ୟରେ ସାଲିମ୍ ବିନ୍ ଉମୈର୍, ଉଲବା ବିନ୍ ଜୈଦ୍, ଅବୁ ଲୈଲା, ଅବଦୁର୍ ରହମାନ୍ ବିନ୍ କାଆବ୍, ଅମ୍ର ବିନ୍ ହୁମାମ୍, ଅବଦୁଲ୍ଲାଃ ବିନ୍ ମୁଗଫ୍ଫଲ୍ ମୁଜନି, ହରମୀ ବିନ୍ ଅବଦୁଲ୍ଲାଃ ଏବଂ ଇର୍ବାଜ ବିନ୍ ସିରୟାୟ ଆଦି ଲୋକମାନେ ମଧ୍ୟ ସାମିଲ୍ ଥିଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ୟାମିନ୍ ବିନ୍ ଉମୈର୍ ବିନ୍ କାଆବ୍ ନଜରୀ, ହ. ଅବୁ ଲୈଲା, ଅବ୍ଦୁର୍ ରହମାନ୍ ବିନ୍ କାଆବ୍ ଓ ହ. ଅବ୍ଦୁଲ୍ଲାଃଲ ବିନ୍ ମୁଗଫ୍ଫଲ୍ ର.ଅଙ୍କ ସହିତ ବାଟରେ ଦେଖା ହେଲା। ଏମାନେ ଦୁହେଁ କାନ୍ଦୁଥିଲେ । ସେହି ସାହାବାମାନେ ଏହି 2ଜଣ ଲୋକମାନଙ୍କୁ କାନ୍ଦିବାର କାରଣ ଯେତେବେଳେ ପଚାରିଲ ସେତେବେଳେ ଏମାନେ କହିଲେ ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ନକଟକୁ ଯାଇଥିଲୁ, ଯେ ଆପଣ ସ.ଅ ଆମମାନଙ୍କୁ ବାହନ ପ୍ରଦାନ କରନ୍ତୁ । କିନ୍ତୁ ସେଠାରେ ମଧ୍ୟ ଆମମାନଙ୍କୁ କୌଣସି ବାହନ ମିଳିଲା ନାହିଁ । ଆମମାନଙ୍କ ନିକଟରେ ଏତେ ଧନ ନାହିଁ ଯେ, ଆମେମାନେ ବାହନର ବ୍ୟବସ୍ଥା କରି ପାରିବୁ ଓ ଆପଣ ସ.ଅଙ୍କ ସହିତ ଜିହାଦ୍ କରିବା ନିମନ୍ତେ ଯାଇ ପାରିବୁ । ପ୍ରତ୍ୟୁତ୍ତରରେ ସେ ସେମାନଙ୍କୁ ଏକ ଜଳ ବହନକାରୀ ଓଟ ପ୍ରଦାନ କଲେ । ଏମାନେ ଦୁହେଁ ଅର୍ଥାତ୍ ହ. ୟାମିନ୍ ବିନ୍ ଉମୈର୍ ବିନ୍ କାଆବ୍ ନଜରୀ ଓ ହ. ଅବୁ ଲୈଲା ସେହି ଓଟର ପିଠି ଉପରେ ପଲାଣ ରଖିଲେ ଓ ପାଥେୟ ନିମନ୍ତେ କିଛି ଖଜୁରୀ କୋଳି ମଧ୍ୟ ସେମାନଙ୍କୁ ଦିଆଗଲା । ଏହିପରି ଭାବରେ ଏମାନେ ଦୁହେଁ ଆଁହଜରତ ସ.ଅଙ୍କ ସହିତ ଜିହାଦ୍ କରିବା ନିମନ୍ତେ ବାହାରିଲେ ଓ ଏହିପରି ସେମାନଙ୍କର ବ୍ୟବସ୍ଥା କରାଯାଇଥିଲା । ହ. ଅବ୍ବାସ୍ ର.ଅଙ୍କୁ ଯେତେବେଳେ ଏହି ସୂଚନା ପ୍ରାପ୍ତ ହେଲା ସେତେବେଳେ ସେ ମଧ୍ୟ ଦୁଇ ଜଣ ସାହାବାମାନଙ୍କୁ ବାହନ, ପାଥେୟ ଉପଲବ୍ଧ କରାଇଦେଲେ ଏବଂ ଅବଶିଷ୍ଟ ତିନି ଜଣ ସାହାବାଙ୍କୁ ହ. ଉସ୍‌ମାନ୍ ର.ଅ ବାହନ ଓ ପାଥୟ ପ୍ରଦାନ କଲେ । ଏହିପରି ଭାବରେ ସେହି 7 ଜଣ ଜିହାଦକାରୀମାନେ ଆଁହଜରତ ସ.ଅଙ୍କ ସହିତ ଯୁଦ୍ଧକୁ ବାହାରିଥିଲେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-816, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2001 ମସିହା) (ଅନାରତୁଦ୍ ଦୁଜା ଫି ମୁଗାଜି ଖୈରିଲ୍ ୱରା ସ.ଅ, ପୃ-721, ଦାରୁଲ୍ ମିନହାଜ୍, 2006 ମସିହା) (ଶରହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-74-75, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1996 ମସିହା) (ତାରିଖୁତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-2, ପୃ-182, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-1987 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-469, ମକ୍‌ତବା ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ସଂପ୍ରଦାୟର ଲୋକମାନେ ମଧ୍ୟ ହୁଜୁର୍ ସ.ଅଙ୍କ ସେବାରେ ବାହନ ପ୍ରାପ୍ତ କରିବା ନିମନ୍ତେ ନିବେଦନ କଲେ । ଏମାନେ 6 ଜଣ ଲୋକ ଥିଲେ । ଏମାନେ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ ନିଜର ପ୍ରତିନିଧି କରି ହୁଜୁର ସ.ଅଙ୍କ ସେବାରେ ପ୍ରେରଣ କରିଥିଲେ । ସେମାନଙ୍କୁ ମଧ୍ୟ ଆପଣ ସ.ଅ ଏହା କହିଲେ, ହେ ଲୋକମାନେ ! ଯେ, ମୋ ପାଖରେ କିଛି ବି ନାହିଁ ଯେ, ମୁଁ ତୁମମାନଙ୍କୁ ଦେଇ ପାରିବି । ବୁଖାରୀର ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ଶପଥ କରି କହିଲେ, ମୋ ନିକଟରେ କିଛି ବି ନାହିଁ ଯେ, ତୁମମାନଙ୍କୁ ଦେଇପାରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁଖାରୀର ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ରାଣ ଖାଇ କହିଲେ, ମୋ ପାଖରେ କିଛି ବି ନାହିଁ ଯେ, ତୁମମାନଙ୍କୁ ଦେଇଦେବି । ଫଳତଃ ସେହି ଲୋକମାନେ କାନ୍ଦି କାନ୍ଦି ସେଠାରୁ ଫେରି ଆସିଲେ। କିନ୍ତୁ ଇତି ମଧ୍ୟରେ ଆପଣ ସ.ଅ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କ ଠାରୁ କିଛି ଓଟ କ୍ରୟ (କିଣିଲେ) କଲେ ଏବଂ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ ଡକାଇଲେ। ଆଁହଜରତ ସ.ଅ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ କହିଲେ, ହେ ଅବୁ ମୁସା ! ତୁମେ ଏହି ଓଟମାନଙ୍କୁ ନେଇଯାଅ ଏବଂ ସ୍ୱୟଂ ନିଜର ସାଥିମାନଙ୍କୁ ଦେଇଦିଅ । ଉକ୍ତ ଘଟଣାର ସବିଶେଷ ବିବରଣୀ ସ୍ୱୟଂ ହ. ଅବୁ ମୁସା ଅଶ୍‌ଅରୀ ର.ଅ ବର୍ଣ୍ଣନା କରିଛନ୍ତି। ସୁତରାଂ ବୁଖାରୀର ଏକ ବର୍ଣ୍ଣନାରେ ହ. ଅବୁ ମୁସା ଅଶ୍‌ଅରୀ ର.ଅ ସ୍ୱୟଂ ବର୍ଣ୍ଣନା କରନ୍ତି ଯେ, କେତେକ ଅଶ୍‌ଅରୀ ସଂପ୍ରଦାୟର ଲୋକମାନଙ୍କ ସହିତ ମୁଁ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲି ଏବଂ ଆପଣ ସ.ଅଙ୍କ ଠାରୁ ବାହନ ମାଗିଲି । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ଅବୁ ମୁସା ! ମୁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ମୁଁ ତୁମକୁ ବାହନ ଦେଇ ପାରିବି ନାହିଁ ଏବଂ ମୋ ପାଖରେ ବାହନର ଜୀବ ନାହାନ୍ତି ଯେ, ମୁଁ ସେହି ଜୀବମାନଙ୍କୁ ତୁମକୁ ଆରୋହଣ ହେବା ନିମନ୍ତେ ଦେଇଦେବି। ଠିକ୍ ସେତିକିବେଳେ ନବୀ କରୀମ୍ ସ.ଅଙ୍କ ପାଖକୁ ମାଲେ ଗନିମତ୍‌ର ଓଟ ଅଣାଗଲା ଏବଂ ଆପଣ ସ.ଅ ଆମମାନଙ୍କ ସଂପର୍କରେ ପଚାରିଲେ । ଆପଣ ସ.ଅ ପଚାରିଲେ ସେହି ଅଶ୍‌ଅରୀ ସଂପ୍ରଦାୟର ଲୋକମାନେ କାହାନ୍ତି ? ଆପଣ ସ.ଅ 5ଟି ଧଳା ରଙ୍ଗର ଉଚ୍ଚ କୁବ୍ଦ ଥିବା ଓଟ ଆମମାନଙ୍କୁ ପ୍ରଦାନ କଲେ । ଆମେମାନେ ଏହା ଭାବି ଆପଣ ସ.ଅଙ୍କ ପାଖରୁ ଫେରି ଆସିଲୁ ଏବଂ ଆମେମାନେ କହିଲୁ, ଆପଣଙ୍କ ନିକଟରେ ଆମେମାନେ ବାହନ ନିମନ୍ତେ ନିବେଦନ କରିଥିଲୁ । ଆପଣ ସ.ଅ ରାଣ ଖାଇଥିଲେ ଯେ, ଆପଣଙ୍କ ପାଖରେ ବାହନ ନାହିଁ ଓ ଆପଣ ବାହନ ଦେଇ ପାରିବେ ନାହିଁ । ତେଣୁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ଭୁଲି ଯାଇଛନ୍ତି ଯେ, ଆପଣ ରାଣ ଖାଇଥିଲେ ଯେ, ଆପଣ ଆମମାନଙ୍କୁ ବାହନ ଦେବେ ନାହିଁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ଲୋକମାନେ ! ମୁଁ ତୁମମାନଙ୍କୁ ବାହନ ଦେଇ ନାହିଁ ବରଂ ଅଲ୍ଲାଃତାଲା ତୁମମାନଙ୍କୁ ବାହନ ଦେଇଛନ୍ତି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଯେଉଁ ରାଣ ଖାଇ ବସିଯାଏ ଓ ମୋତେ ସେହି ରାଣ ଅପେକ୍ଷା କୌଣସି ପ୍ରଥା ବା କଥା ଭଲ ଲାଗିଲା ତେବେ ମୁଁ ସେହି କଥାକୁ ଅଧିକ ଶ୍ରେୟସ୍କର ବୋଲି ମନେକରିବି ଓ ମୁଁ ନିଜ ରାଣର କ୍ଷତିପୂରଣ ଦେଇଦେବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ମଧ୍ୟ ରାଣ ଖାଇଛି । କିନ୍ତୁ ପରେ ବାହନ ବ୍ୟବସ୍ଥା ହୋଇଗଲା । ଏହି ବ୍ୟବସ୍ଥା ଅଲ୍ଲାଃତାଲା କରିଦେଲେ ଏବଂ ଯଦି ମୋ ମନରେ ସନ୍ଦେହ ବି ଥାଏ ଯେ, ମୁଁ ଅମକ ରାଣ ଖାଇଛି କିନ୍ତୁ ସେହି ରାଣ ବିପରୀତ ଯଦି ଅନ୍ୟ କୌଣସି ଉତ୍ତମ କଥା ସମ୍ମୁଖକୁ ଚାଲି ଆସେ ତେବେ ମୁଁ ରାଣକୁ ସମାପ୍ତ କରିଦେବି ଏବଂ ରାଣର କ୍ଷତିପୂରଣ ପୈଠ କରିଦେବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଉପରୋକ୍ତ ବର୍ଣ୍ଣନା.ଟି ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କ ବର୍ଣ୍ଣନା ଅଟେ । ସେ କହିଲେ, ମୋର ସାଥିମାନେ ମୋତେ ଆଁହଜରତ ସ.ଅଙ୍କ ପାଖକୁ ପଠାଇ କହିଲେ, ହେ ଅବୁ ମୁସା ! ତୁମେ ଆଁହଜରତ ସ.ଅଙ୍କ ଠାରୁ ଆମମାନଙ୍କ ନିମନ୍ତେ ବାହନ ମାଗ। କାରଣ ଆମେମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ଜୈଶେ ଉସ୍ରାହ୍ (ସୈନ୍ୟବାହିନୀ) ରେ ଅଛୁ ଏବଂ ଏହା ହି ତୃବୁକ୍ ଯୁଦ୍ଧ ଅଟେ । ମୁଁ କହିଲି (ଅବୁ ମୁସା ଅଶ୍‌ଅରୀ ର.ଅ), ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ସାଥିମାନେ ମୋତେ ଆପଣ ସ.ଅଙ୍କ ପାଖକୁ ପଠାଇଛନ୍ତି । କାରଣ ଆପଣ ସେମାନଙ୍କୁ ବାହନ ଦେବେ । ଆପଣ ସ.ଅ କହିଲେ, ହେ ଅବୁ ମୁସା ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ମୋ ପାଖରେ କୌଣସି ବାହନ ନାହିଁ ଯେ, ମୁଁ ତୁମମାନଙ୍କୁ ଦେଇଦେବି । ହ. ଅବୁ ମୁସା କୁହନ୍ତି: "ମୁଁ ମଧ୍ୟ ଦୈବାତ୍ ଆପଣ ସ.ଙ୍କ ଠାରୁ ଏପରି ସମୟରେ ବାହନର ଦାବି କଲି ଯେ, ଆପଣ ସ.ଅ ସେତେବେଳେ ଟିକିଏ ରାଗିଥିଲେ ଓ ମୁଁ ଆପଣ ସ.ଅଙ୍କ ଏହି ରାଗିବା ସଂପର୍କରେ ଜାଣି ନଥିଲି । ମୁଁ ନବୀ କରୀମ୍ ସ.ଅଙ୍କ ଏହି ଅସ୍ୱୀକାର କରିବା ଯୋଗୁଁ ଭୟଭୀତ ହେଲି ଯେ, କାଳେ ନବୀ କରୀମ୍ ସ.ଅ ନିଜ ମନରେ ମୋ ଉପରେ ଅପ୍ରସନ୍ନ ହୋଇ ନଯାଆନ୍ତୁ । ତେଣୁ ମୁଁ ନିରାଶ ହୋଇ ଆଁହଜରତ ସ.ଅଙ୍କ ପାଖକୁ ଫେରି ଆସିଲି । ମୁଁ ନିଜର ସାଙ୍ଗସାଥୀମାନଙ୍କ ପାଖକୁ ଗଲି ଏବଂ ନବୀ କରୀମ୍ ସ.ଅ ଯାହା କହିଥିଲେ ତାହା ମୁଁ ସେମାନଙ୍କୁ କହିଦେଲି । କିଛି ସମୟ ବିତି ନଥିଲା କି ମୁଁ ହ. ବିଲାଲ୍ ର.ଅଙ୍କ ଡାକ ଶୁଣିଲି । ଅର୍ଥାତ୍ ହ. ବିଲାଲ୍ ର.ଅ ଅବ୍ଦୁଲ୍ଲାଃ ବିନ୍ କୈସ୍‌ଙ୍କୁ ଡାକୁଥିଲେ । ମୁଁ ,ବିଲାଲ୍ ର.ଅଙ୍କୁ ପଚାରିଲି ଯେ, ହେ ବିଲାଲ୍ ! ଆପଣ ଅବ୍ଦୁଲ୍ଲାଃ ବିନ୍ କୈସ୍‌ଙ୍କୁ କାହିଁକି ଖୋଜୁଛନ୍ତି ? ହ. ବିଲାଲ୍ ର.ଅ କହିଲେ, ଆଁହଜରତ ସ.ଅ ତାଙ୍କୁ ଅର୍ଥାତ୍ ଅବ୍ଦୁଲ୍ଲାଃ ବିନ୍ କୈସ୍‌ଙ୍କୁ ଡାକୁଛନ୍ତି । ମୁଁ (ହ. ଅବୁ ମୁସା) ହ. ବିଲାଲ୍ ର.ଅଙ୍କୁ ଉତ୍ତର ଦେଲି ଯେ, ହଁ କ'ଣ ହେଲା, କାହିଁକି ଡାକୁଛନ୍ତି ? ସେ (ହ. ବିଲାଲ୍ ର.ଅ) କହିଲେ, ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଯାଅ ! ଆପଣଙ୍କୁ ଆଁହଜରତ ସ.ଅ ଡାକୁଛନ୍ତି । ଏହା ଥିଲା ଘୋଷଣା କରିବା ଓ ଡାକିବାର ଶୈଳୀ । ସେ ସମୟରେ ତ' ଲାଉଡ୍ ସ୍ପିକର୍ ବ୍ୟବସ୍ଥା ନଥିଲା । ଏହିପରି ଘୋଷଣା କରାଯାଉଥିଲା । ସୁତରାଂ ମୁଁ ଯେତେବେଳେ ଆପଣ ସ.ଅଙ୍କ ପାଖରେ ପହଞ୍ଚିଲି ସେତେବେଳେ ଆପଣ ସ.ଅ ମୋତେ କହିଲେ, ହେ ଅବୁ ମୁସା ! ତୁମେ ଦି ହଳ ଓଟ ନେଇନିଅ । ଏହି ଓଟ ହଳ ଅର୍ଥାତ୍ 6ଟି ଓଟ ନେଇଯାଅ । ଆପଣ ସ.ଅ ସେହି ସମୟରେ ସେହି ଓଟମାନଙ୍କୁ ହ. ସାଆଦ୍ ର.ଅଙ୍କ ଠାରୁ କିଣିଥିଲେ । ଆପଣ ସ.ଅ କହିଲେ, ହେ ଅବୁ ମୁସା ! ଯାଅ, ନିଜର ସାଥିମାନଙ୍କ ପାଖକୁ ଏହି ଓଟ ନେଇଯାଅ ଏବଂ ସେମାନଙ୍କୁ କୁହ କି ଅଲ୍ଲାଃତାଲା କିମ୍ବା ଆପଣ ସ.ଅ ଏହା କହିଲେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ସେମାନଙ୍କୁ ଏହି ବାହନ ଉପରେ ଆରୋହଣ ହେବା ନିମନ୍ତେ ଓଟ ଦେଇଛନ୍ତି । ତେଣୁ ଏହି ଓଟ ଉପରେ ଆରୋହଣ ହୋଇଯାଅ । ସୁତାରାଂ ମୁଁ (ହ. ଅବୁ ମୁସା ଅଶ୍‌ଅରୀ ର.ଅ) ସେହି ଓଟ ନେଇ ସେମାନଙ୍କ (ସାଙ୍ଗସାଥିମାନଙ୍କ) ପାଖକୁ ଚାଲିଗଲି । ମୁଁ ସେମାନଙ୍କୁ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

କହିଲି, ନବୀ କରୀମ୍ ସ.ଅ ଏହି ଓଟ ତୁମମାନଙ୍କୁ ଆରୋହଣ ହେବା ନିମନ୍ତେ ପ୍ରଦାନ କରିଛନ୍ତି । କିନ୍ତୁ ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୁଁ ତୁମମାନଙ୍କୁ ଉକ୍ତ ଓଟ ଉପରେ ଆରୋହଣ ହେବାକୁ ଦେବି ନାହିଁ । କାରଣ ଯେପର୍ଯ୍ୟନ୍ତ ତୁମମାନଙ୍କୁ ମଧ୍ୟରୁ କେହି ଜଣେ ବ୍ୟକ୍ତି ମୋ ସହିତ ସେହି ବ୍ୟକ୍ତି ପାଖରେ ପହଞ୍ଚି ଯାଇ ନାହିଁ ଯିଏ ନବୀ କରୀମ୍ ସ.ଅଙ୍କ ଠାରୁ ସେହି କଥା ଶୁଣିଥିଲା (ଅର୍ଥାତ୍ ଆଁହଜରତ ସ.ଅ ପୂର୍ବେ ରାଣ ଖାଇ କହିଥିଲେ ଯେ, ମୋ ପାଖରେ କିଛି ବାହନ ନାହିଁ) ସେପର୍ଯ୍ୟନ୍ତ ତୁମମାନେ ଉପଦ୍ରବରେ ପ୍ରପୀଡ଼ିତ ହୋଇ ନଯାଅ । ତୁମେମାନେ ଏହା ଭାବ ନାହିଁ ଯେ, ଯାହା ରସୁଲୁଲ୍ଲାଃ ସ.ଅ ମୋତେ କହି ନଥିଲେ ମୁଁ ସ୍ୱୟଂ ତୁମମାନଙ୍କୁ ସେହି କଥା କହି ଦେବି। ସେହି ଜିହାଦ୍‌କାରୀ ଲୋକମାନେ କହିବାକୁ ଲାଗିଲେ ହେ ଅବୁ ମୁସା ! ଆମେମାନେ ଆପଣଙ୍କୁ ସତ୍ୟବାଦୀ ବୋଲି ମନେକରୁଛୁ । ଯଦିଓ ଆଁହଜରତ ସ.ଅ ପ୍ରଥମେ ବାହନ ଦେବାକୁ ଅସ୍ୱୀକାର କରି ଦେଇଥିଲେ ସେଇଥି ପାଇଁ ଆପଣ ଏପରି କଥା କହିଲେ। ସେ ଅର୍ଥାତ୍ ଅବୁ ମୁସା ଅଶ୍‌ଅରୀ ର.ଅ ଅତ୍ୟନ୍ତ ସତର୍କତା ଅବଲମ୍ବନକାରୀ ବ୍ୟକ୍ତି ଥିଲେ । ତେଣୁ ସେ ନିଜର ସାଥିମାନଙ୍କୁ କହିଲେ, ହେ ସାଥିମାନେ ତୁମେମାନେ ଏହା ବୁଝିନେବ ନାହିଁ ଯେ, ପ୍ରଥମେ ମୁଁ ତୁମକୁ ନିଜ ତରଫରୁ ଗୋଟିଏ କଥା କହି ଦେଇଥିଲି । କାରଣ କିଛି ସମୟ ପରେ ମୁଁ ଓଟ ନେଇ ଆସିଲି । କିନ୍ତୁ ସତ୍ୟ ଏହା ହିଁ। ଅତଏବ୍ ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ସେଠାରେ ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ଥିଲା ଏବଂ ମୁଁ ସେତେବେଳେ ଆଁହଜରତ ସ.ଅଙ୍କୁ ବାହନ ଦେବା ନିମନ୍ତେ ଅନୁରୋଧ କରୁଥିଲି ତେବେ ସେହି ବ୍ୟକ୍ତିକୁ ଡାକ । କାରଣ ସେହି ବ୍ୟକ୍ତି ମୋର ପ୍ରତ୍ୟେକ୍ଷଦର୍ଶୀ ସାକ୍ଷ୍ୟ ହେଉ । ଅର୍ଥାତ୍ ଆଁହଜରତ ସ.ଅ ପୂର୍ବରୁ ହିଁ ଉତ୍ତର ଦେଇଥିଲେ ଏବଂ ପରେ ଯାଇ ଓଟର ବ୍ୟବସ୍ଥା ହେଲା । ସେ ଯାହା ହେଉ ଲୋକମାନେ କହିଲେ, ଆମେମାନେ ତ' ଆପଣଙ୍କୁ (ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ) ସତ୍ୟବାଦୀ ବୋଲି ମନେକରୁ । ତେଣୁ ଆପଣଙ୍କୁ ଯାହା ଭଲ ଲାଗିବ ଓ ଆପଣ ଯାହା ପସନ୍ଦ କରନ୍ତୁ ଆମେମାନେ ଅବଶ୍ୟ ତାହା ହିଁ କରିବୁ । ହ.ଅ ବୁ ମୁସା ଅଶ୍‌ଅରୀ ର.ଅ ସେହି ଲୋକମାନଙ୍କ ମଧ୍ୟରୁ କେତେକ ଲୋକ ଧରି ଚାଲିଗଲେ । ଏପର୍ଯ୍ୟନ୍ତକି ଆପଣ ର.ଅ ସେହି ଲୋକମାନଙ୍କ ପାଖକୁ ଆସିଲେ ଯେଉଁମାନେ ଆଁହଜରତ ସ.ଅଙ୍କ କଥା ଶୁଣିଥିଲେ । ଅର୍ଥାତ୍ ଆଁହଜରତ ସ.ଅଙ୍କ ସେମାନଙ୍କୁ (ଜିହାଦ୍‌କାରୀମାନଙ୍କୁ ଓ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ) ବାହନ ଦେବାକୁ ଅସ୍ୱୀକାର କରିବା ଓ ପୁନଶ୍ଚ ନଦେବା କହି ପରବର୍ତ୍ତୀ ସମୟରେ ଆଁହଜରତ ସ.ଅ ବାହନ ଦିଇଥିଲେ । ଅତଏବ୍ ହ. ଅବୁ ମୁସା ଅଶ୍‌ଅରୀ ର.ଅ ସେମାନଙ୍କ ସମ୍ମୁଖରେ ସେହି କଥା ବର୍ଣ୍ଣନା କଲେ (ସେମାନଙ୍କୁ ସେହି କଥା କହିଲେ) ଯାହା ସେ ପୂର୍ବେ ସେମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥେଲ । ହ. ଅବୁ ମୁସା ଅଶ୍‌ଅରୀ ର.ଅ କୌଣସି ମିଛ କଥା ନିଜ ସାଥିମାନଙ୍କୁ କହିଲେ ନାହିଁ । ବରଂ ସତ୍ୟ ହିଁ କହିଥିଲେ ଯେ, ଆଁହଜରତ ସ.ଅ ସେମାନଙ୍କୁ ପ୍ରଥମେ ବାହନ ଦେବାକୁ ମନାକଲେ ଓ ଅପରମୁହୂର୍ତ୍ତରେ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ ଖବର ଦେଇ ଡକାଇଲେ ଯେ, ସେ ଆସି ୨ଟୋ ଓଟ ନେଇ ଯାଆନ୍ତୁ । **(ବୁଖାରୀ କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ତୁବୁକ୍.....ହଦିସ୍ ନଂ-4415) (ବୁଖାରୀ କିତାବୁ ଫର୍ଜିଲ୍ ଖମସି, ବାବ୍-ୱମିନଦ୍ ଦଲିଲି ଅଲା ଅନ୍ନଲ୍ ଖମ୍‌ସି ଲିନୱାଇବିଲ୍ ମୁସ୍‌ଲିମିନ୍, ହଦିସ୍ ନଂ-3313)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ରାଣ ଖାଇବା ସଂପର୍କରେ ଯେଉଁ ବର୍ଣ୍ଣନା ରହିଛି ଯେ, ଆପଣ ସ.ଅ କେଉଁ କାରଣ ଯୋଗୁଁ ରାଣ ଖାଇଥିଲେ ଏବଂ ସେହି ରାଣ ଖାଇବାର କ'ଣ ମହତ୍ତ୍ୱ ରହିଛି ? ଅତଏବ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ତଫସିର୍‌ରେ ଏକ ସ୍ଥାନରେ ଏହାର ବ୍ୟାଖ୍ୟା କରିଛନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଏଠାରେ ଗୋଟିଏ ପ୍ରଶ୍ନ ସୃଷ୍ଟି ହୁଏ ଯେ, ଆପଣ ସ.ଅଙ୍କ ପାଖରେ ତ' ବାହନ ରହିଥିଲା କିନ୍ତୁ ଆପଣ ସ.ଅ ଶପଥ ବା ରାଣ କାହିଁକି ଖାଇଲେ ଯେ, ମୁଁ ବାହନ ଦେବି ନାହିଁ ? ପବିତ୍ର କୁରଆନ୍ କରୀମ୍, ଆହଦିସ୍ ଏବଂ ଇତିହାସ ପୁସ୍ତକରୁ ଏହା ଜଣାପଡ଼େ ଯେ. ବାସ୍ତବରେ ଆପଣ ସ.ଅଙ୍କ ପାଖରେ ସେତେବେଳେ କୌଣସି ବାହନ ନଥିଲା ଏବଂ ରାଣ ଖାଇବାର ଅର୍ଥ ଏହିକି ଯେ, କୌଣସି ବସ୍ତୁ ବିଦ୍ୟମାନ ତଥା ଉପସ୍ଥିତ ଥିବ ଏବଂ ଅନ୍ୟକୁ ଦେବାକୁ ଯଦି ଅସ୍ୱୀକାର କରିଦିଆଯାଏ ଯେ, ନା ମୋ ପାଖରେ ଅମକ ଜିନିଷ ନାହିଁ । ବର୍ତ୍ତମାନ୍ କ'ଣ କୌଣସି ବ୍ୟକ୍ତି ରାଣ ଖାଇ ପାରିବ ଯେ, ମୁଁ ଚନ୍ଦ୍ର ପାଖକୁ ଯିବି ନାହିଁ କିମ୍ବା ସୁର୍ଯ୍ୟ ପାଖକୁ ଯିବି ନାହିଁ ଅବା ଏହି ପ୍ରକାରର ସେ ରାଣ ଖାଇଥାଏ ଯେ, ମୁଁ ଥରେ ବି ହାତ ଦ୍ୱାରା ସ୍ପର୍ଶ କରି ନାହିଁ । ଏହିପରି ଏହା ମଧ୍ୟ ପ୍ରଶ୍ନ କରାଯାଏ ଯେ, ଯେତେବେଳେ ଆପଣ ସ.ଅଙ୍କ ପାଖରେ ବାହନ ନଥିଲା ସେତେବେଳେ ଆପଣ ସ.ଅ କାହିଁକି ରାଣ ଖାଇଲେ ? ଏହାର ଉତ୍ତର ଏହିକି ଯେ, ଅଶିଷ୍ଟ, ଅସଭ୍ୟ ଲୋକମାନେ ସତ କହୁଥିବା (ରାଣ ଖାଉଥିବା) ବ୍ୟକ୍ତିର ଭରସା କରନ୍ତି ନାହିଁ । କାହିଁକି ନା ଯେପର୍ଯ୍ୟନ୍ତ ସତ କହୁଥିବା ବ୍ୟକ୍ତି ରାଣ ଖାଆନ୍ତି ନାହିଁ ସେପର୍ଯ୍ୟନ୍ତ ଅସଭ୍ୟ ଏବଂ ଅଶିଷ୍ଟ ବ୍ୟକ୍ତିମାନେ ସେହି ସତ୍ୟାବାଦୀ ବ୍ୟକ୍ତିମାନଙ୍କ ଉପରେ ଓ ସେମାନଙ୍କର କଥାକୁ ବିଶ୍ୱାସ କରନ୍ତି ନାହିଁ । ହୁଜୁର୍ ର.ଅ କୁହନ୍ତି ଆମ ପାଖକୁ ବେଳେବେଳେ ଏପରି ଲୋକମାନେ ମଧ୍ୟ ଆସିଥାଆନ୍ତି ଯେଉଁମାନେ କୁହନ୍ତି ଯେ, ମହୋଦୟ ! ଆପଣ ଆମର ଅମକ କାମ କରାଇ ଦିଅନ୍ତୁ । ଆମେ ସେମାନଙ୍କୁ କହୁ ଯେ, ଆଜ୍ଞା ଦେଖନ୍ତୁ ଆମେ ଆପଣଙ୍କର ଅମକ କାମଟି କରି ପାରିବୁ ନାହିଁ । ସେମାନେ କୁହନ୍ତି ଯେ, ମହୋଦୟ ଆପଣ ସୁବୁକିଛି କରିପାରିବେ । ଅର୍ଥାତ୍ ଆମେ କାମ ତ' କରି ପାରିବି କିନ୍ତୁ ଆମେ ମିଛି କହିଦେଇଥାଉ ଯେ, ଆମେ ଅମକ କାମଟି କରିପାରିବୁ ନାହିଁ । ଠିକ୍ ସେହିପରି ସେହି ଲୋକମାନେ ମଧ୍ୟ ଅଶିଷ୍ଟ, ଅସଭ୍ୟ ଲୋକମାନେ ଥିଲେ । ସେମାନେ ଇସ୍‌ଲାମ୍ ଧର୍ମରେ ନୂତନ ରୂପେ ପ୍ରବିଷ୍ଟ ହୋଇଥିଲେ । ଅର୍ଥାତ୍ ନବଦୀକ୍ଷିତ ହୋଇଥିଲେ । ସେମାନଙ୍କୁ ରସୁଲ୍ କରୀମ୍ ସ.ଅଙ୍କ ସତ୍ୟତା, ସମ୍ମାନ, ଗାରିମା ଓ ଉଚ୍ଚ ତଥା ଉତ୍ତ ଚରିତ୍ରବତ୍ତା ସଂପର୍କରେ କିଛି ବି ଜଣା ନଥିଲା । ଅତଏବ୍ ଯେତେବେଳେ ଆପଣ ସ.ଅ ସେମାନଙ୍କୁ କହିଲେ, ଯେ, ମୋ ପାଖରେ ବାହନ ନାହିଁ। ସେତେବେଳେ ସେମାନେ ଏହା ମନେକରିନେଲେ ଯେ, ଆପଣ ସ.ଅଙ୍କ ପାଖରେ ବାହନ ତ' ଅଛି କିନ୍ତୁ ଆପଣ ସ.ଅ ଅସ୍ୱୀକାର କରୁଛନ୍ତି ଯେ, ଆପଣ ସ.ଅଙ୍କ ପାଖରେ ବାହନ ନାହିଁ । ତେଣୁ ସେହି ଲୋକମାନେ ଜିଦ୍ଧି କଲେ ଯେ, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅ ତ' ସମ୍ରାଟ ଅଟନ୍ତି, ଭଲା ଆପଣ ସ.ଅଙ୍କ ପାଖରେ ବାହନ କିପରି ନାହିଁ ? ସେହିପରି ଏହା ମଧ୍ୟ କୁହା ଯାଇପାରେ ଯେ, ଆରବ୍ୟ ଲୋକମାନଙ୍କର ଏହି ଅଭ୍ୟାସ ରହିଥିଲା ଯେ, ଯେପର୍ଯ୍ୟନ୍ତ ପ୍ରତିପକ୍ଷ ବ୍ୟକ୍ତି ରାଣ ଖାଇ କହିଦେଉ ନଥିଲା ସେପର୍ଯ୍ୟନ୍ତ ସେମାନେ ପ୍ରତିପକ୍ଷର କୌଣସି କଥା ଉପରେ ଭରସା ବା ବିଶ୍ୱାସ କରୁ ନଥିଲେ । ଅର୍ଥାତ୍ ରାଣ ଖାଇବା ପରେ ସେମାନେ ସନ୍ତୁଷ୍ଟ ହେଉଥିଲେ । ଅର୍ଥାତ୍ କଥା କଥାକେ **ୱଲ୍ଲାଃ, ବିଲ୍ଲାଃ, ସୁମ୍ମା ତଲ୍ଲାଃହି** ଇତ୍ୟାଦି ଶବ୍ଦ ଆରବ୍ୟମାନେ ରାଣ ଖାଇ ଥାଆନ୍ତି । ସେଇଥି ପାଇଁ ସେମାନଙ୍କର ବାହନ ମାଗିବାର ଯେଉଁ ଜିଦ୍ ରହିଥିଲା ତାହାର ଏହା ହିଁ ଉତ୍ତର ଥିଲା ଯେ, ଆପଣ ରାଣ ଖାଉଥିଲେ । ଯେହେତୁ ସେହି ଲୋକମାନେ ଆପଣ ସ.ଅଙ୍କ ଉତ୍ତରକୁ ବାହାନା ଏବଂ ଆଳ ବୋଲି ମନେ କରିଥିଲେ ସେଇଥି ପାଇଁ ଆପଣ ସ.ଅ ସେମାନଙ୍କ ସନ୍ତୁଷ୍ଟି ନିମନ୍ତେ ଏବଂ ସେମନାଙ୍କ ଠାରୁ ପିଛା ଛଡ଼ାଇବା ନିମନ୍ତେ ରାଣ ଖାଇଲେ । ସେମାନେ ଯେତେବେଳେ ଚାଲିଗଲେ ସେତେବେଳେ ବାହନ ଆସିଗଲା । ପରେ ଆପଣ ସ.ଅ ପୁନଃ ସେମାନଙ୍କୁ ଡକାଇ ସେମାନଙ୍କୁ ବାହନ ପ୍ରଦାନ କଲେ । ତେଣୁ ସେଇଥି ପାଇଁ ଆପଣ ସ.ଅ ରାଣ ଖାଇଥିଲେ । ଆଁହଜରତ ସ.ଅ ସେମାନଙ୍କୁ କହିଲେ, ହେ ଲୋକମାନେ ! ତୁମେମାନେ ମୋର ସମୟ ନଷ୍ଟ କର ନାହିଁ ଏବଂ ଜିଦ୍ କର ନାହିଁ । ଆପଣ ସ.ଅ ଯାହା କହିଲେ କି ତୁମେମାନେ ମୋର ସମୟ ନଷ୍ଟ କର ନାହିଁ ଏହା ଏକ ପରିପ୍ରକାଶ ଥିଲା । ଅର୍ଥାତ୍ ଆପଣ ସ.ଅ ପାଟିରୁ ତ' ଅତିଷ୍ଠ ହେବାର ପରିପ୍ରକାଶ କଲେ ନାହିଁ । କିନ୍ତୁ ଭାବର ପିରପ୍ରକାଶ ଏହିପରି ଥିଲା ଯେ, ତୁମେମାନେ ମୋର ସମୟ ନଷ୍ଟ କର ନାହିଁ ଏବଂ ଜିଦି କର ନାହିଁ । ତେଣୁ ଏହାପରେ ଆଁହଜରତ ସ.ଅ ସେମାନଙ୍କୁ ଡକାଇ ସେମାନଙ୍କୁ ବାହନ ଏଇଥି ପାଇଁ ଦେଲେ ଯେ, ଏହା ଏକ ପୁଣ୍ୟ ଅବସର ଥିଲା ଓ ଆପଣ ସ.ଅ ସେହି ସୁଯୋଗକୁ ନଷ୍ଟ ତଥା ହାତଛଡ଼ା କରିବାକୁ ଚାହୁଁ ନଥିଲେ । **(ନେକି କି ତେହରିକ୍ ପରଂ ଫୌରନ୍ ଅମଲ୍ କରୋ, ଅନୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-18, ପୃ-571-572)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁରାଃ ତୌବାର ଆୟତ୍ ସଂଖ୍ୟା 92 ଯାହାକି ମୁଁ ପୂର୍ବେ ଆବୃତ୍ତି କରିଥିଲି ଯେ, وَّلَا عَلَى الَّذِيْنَ اِذَا مَآ اَتَوْكَ لِتَحْمِلَهُمْ قُلْتَ لَآ اَجِدُ مَآ اَحْمِلُكُمْ عَلَيْهِ تَوَلَّوْا وَّاَعْيُنُهُمْ تَفِيْضُ مِنَ الدَّمْعِ حَزَنًا اَلَّا يَجِدُوْا مَا يُنْفِقُوْنَ **(ଅତ୍ ତୌବା: 92)** ଯେପରିକି ପୂର୍ବେ ଉପରୋକ୍ତ ଆୟତ୍‌ର ଅନୁବାଦ ହୋଇଛି ତାହା ଏହିପରି ଯେ, "ଏବେ ସେମାନଙ୍କ ବିରୁଦ୍ଧରେ ମଧ୍ୟ କୌଣସି ଅଭିଯୋଗ ନାହିଁ ଯେଁଉମାନେ ତୁମ୍ଭ ନିକଟକୁ ସେତେବେଳେ ଆସିଥିଲେ ଯେତେବେଳେ ଯୁଦ୍ଧ ଘୋଷଣା କରାଯାଇଥିଲା। ସେମାନେ ଏଥି ସକାଶେ ଆସିଥିଲେ ଯେ, ତୁମ୍ଭେ ସେମାନଙ୍କ ସକାଶେ କୌଣସି ବାହନର ବ୍ୟବସ୍ଥା କରିଦେବ । ତୁମ୍ଭେ ଉତ୍ତର ଦେଇଥିଲ ଯେ, ଆମ୍ଭ ନିକଟରେ ଏପରି କିଛି ନାହିଁ ଯାହା ଉପରେ ଆମ୍ଭେ ତୁମ୍ଭମାନଙ୍କୁ ଆରୋହଣ କରାଇବୁ । ଏହା ଶୁଣି ସେମାନେ ଫେରି ଯାଇଥିଲେ ଏବଂ ଦୁଃଖରେ ସେମାନଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଉଥିଲା ଯେ, ହାୟ ! ସେମାନଙ୍କ ନିକଟରେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବାକୁ କିଛି ବି ନଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଆୟତର ବ୍ୟାଖ୍ୟା

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

କରି ଉଲ୍ଲେଖ କରନ୍ତି ଯେ, ଉକ୍ତ ଆୟତ୍ ଚରିତାର୍ଥ ଦୃଷ୍ଟିରୁ ସାଧାରଣ ଅଟେ। କିନ୍ତୁ ଯେଉଁ ଲୋକମାନଙ୍କ ଆଡ଼କୁ ଇଙ୍ଗିତ କରାଯାଇଛି ସେମାନେ 7 ଜଣ ଦରିଦ୍ର ମୁସଲମାନ୍ ଥିଲେ । ସେହି 7ଜଣ ମୁସଲମାନମାନେ ଜିହାଦ୍‌କୁ ଯିବା ନିମନ୍ତେ ବ୍ୟାକୁଳ ଥିଲେ। କିନ୍ତୁ ନିଜର ହୃଦୟ ମଧ୍ୟରେ ଥିବା ଇଚ୍ଛା ତଥା କାମନାକୁ ପରିପୂର୍ଣ୍ଣ ତଥା ଚରିତାର୍ଥ କରିବା ନିମନ୍ତେ ସେମାନେଙ୍କ ପାଖରେ ସାମର୍ଥ୍ୟ ଓ ପାଥେୟ ନଥିଲା । ତେଣୁ ଏହି ଲୋକମାନେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆମମାନଙ୍କ ନିମନ୍ତେ ସବାହନର ବ୍ୟବସ୍ଥା କରି ଦିଅନ୍ତୁ । ଆଁହଜରତ ସ.ଅ କହିଲେ, ହେ ଲୋକମାନେ ! ବଡ଼ ଦୁଃଖ ତଥା ନିରାଶର ସହିତ ମୁଁ ତୁମମାନଙ୍କୁ କହୁଛି ଯେ, ବାହନର କୌଣସି ବ୍ୟବସ୍ଥା ମୁଁ କରି ପାରିବି ନାହିଁ । ଆଁହଜରତ ସ.ଅ ଯେତେବେଳେ ଏହି କଥା କହିଲେ ସେତେବେଳେ ଏହି 7ଜଣ ମୁସଲମାନମାନଙ୍କୁ ବହୁତ ବ୍ୟଥିତ ଏବଂ ମର୍ମାହତ ହେଲେ । ସେମାନଙ୍କ ଚକ୍ଷୁ ଲୋତକାପ୍ଲୁତ (ଲୁହ) ହୋଇ ଉଠିଲା ଏବଂ ସେମାନେ ଫେରିଗଲେ । ସେମାନଙ୍କ ଚାଲିଯିବା ପରେ ହ. ଉସ୍‌ମାନ୍ ର.ଅ 3ଟି ଓଟ ଆଣି ଆଁହଜରତ ସ.ଅଙ୍କୁ ଦେଲେ ଏବଂ 4ଟି ଓଟ ଅନ୍ୟ ମୁସଲମାନମାନେ ଦେଲେ । ଆଁହଜରତ୍ ସ.ଅ ପ୍ରତ୍ୟେକ ବ୍ୟକ୍ତି ଅର୍ଥାତ୍ ମୁସଲମାନମାନଙ୍କୁ ଗୋଟିଏ ଗୋଟିଏ ଓଟ ଦେଇଦେଲେ । ପବିତ୍ର କୁରଆନ୍ କରୀମ୍ ଉକ୍ତ ଘଟଣା ଏଇଥି ପାଇଁ ବର୍ଣ୍ଣନା କରିଛି ଯେ, ସେହି ଗରିବ (ଦରିଦ୍ର) ମୁସଲମାନମାନଙ୍କ ନିଷ୍ଠାର ମୁକାବିଲା କରି ଦେଖାଯାଏ । ଅର୍ଥାତ୍ ଯେଉଁମାନେ ଧନୀକ ଶ୍ରେଣୀର ବ୍ୟକ୍ତି ଥିଲେ ଏବଂ ଯାତ୍ରାରେ ଯିବା ନିମନ୍ତେ ସେମାନଙ୍କ ପାଖରେ ସାଧନ ଓ ପାଥେୟ ରହିଥିଲା କିନ୍ତୁ ସେହି ଧନୀକ ବ୍ୟକ୍ତିମାନେ ମିଛ ବାହାନା ତଥା ଆଳ କରୁଥିଲେ । ଗୋଟିଏ ପଟରେ ସେହି ଦରିଦ୍ର ମୁସଲମାନମାନଙ୍କର ଏହି ଅବସ୍ଥା ରହିଥିଲା, ସେମାନେ ଯୁଦ୍ଧ କରିବା ନିମନ୍ତେ ଉତ୍ସାହିତ ଥିଲେ, ସେହି ଅଭାବି ମୁସଲମାନମାନଙ୍କ ମନରେ ଈଶ୍ୱର ବିଶ୍ୱାସ ରହିଥିଲା । ଅପରପକ୍ଷେ ଯେଉଁ ଧନୀକ ଲୋକମାନେ ଥିଲେ ସେମାନେ ନିଜକୁ ମୁସଲମାନ ବୋଲାଉଥିଲେ କିନ୍ତୁ ସେମାନଙ୍କ ମନ କପଟବିଶ୍ୱାସ ଦ୍ୱାରା ପରିପୂର୍ଣ୍ଣ ରହିଥିଲେ । ଉକ୍ତ ଆୟତରୁ ଏହା ଜଣାପଡ଼େ ଯେ, ଯେଉଁ ଲୋକମାନେ ମଦିନା ପଛରେ ରହି ଯାଇଥିଲେ ସେମାନେ ସମସ୍ତେ କପଟବିଶ୍ୱାସୀ ନଥିଲେ । ବରଂ କେତେକଙ୍କ ପାଖରେ ତ' ଜିନିଷ ପତ୍ର ମଧ୍ୟ ନଥିଲା ସେଇଥି ପାଇଁ ସେମାନଙ୍କୁ ପଛରେ ରହିବାକୁ ପଡ଼ିଲା । କେବଳ ସେତିକି ନୁହେଁ ବରଂ ସେହି ଲୋକମାନଙ୍କ ମଧ୍ୟରେ ନୈଷ୍ଠିକ ମୁସଲମାନମାନେ ମଧ୍ୟ ରହିଥିଲେ । କିନ୍ତୁ ସେମାନେ ଜିହାଦ୍ ତଥା ଯୁଦ୍ଧକୁ ଏଇଥି ପାଇଁ ଯାପାରିଲେ ନାହିଁ ଯେ, ସେମାନଙ୍କ ନିକଟରେ ସାଧନ ଓ ପାଥେ ନଥିଲା । **(ଦୁରୁସ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ, ଅପ୍ରକାଶିତ ଗ୍ରନ୍ଥ: ତଫ୍‌ସିର୍ ସୁରାଃ ତୌବା ଆୟତ ସଂଖ୍ୟା-92)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, "ରସୁଲୁଲ୍ଲାଃ ସ.ଅଙ୍କ ଉକ୍ତ ଘୋଷଣା ଯେ, ଆମେମାନେ ସିରୀୟା ଅଭିମୁଖେ ଯିବୁ ଉକ୍ତ ଘୋଷଣା ଶୁଣି ମୁସଲମାନମାନେ ନିଷ୍ଠା ଓ ଉତ୍ସାହର ସହିତ ବଳିଦାନ ଦେଇ ଚାଲିଥିଲେ। ଅଭାବି ଓ ଦରିଦ୍ର ଲୋକମାନଙ୍କ ପାଖରେ ଯୁଦ୍ଧ ନିମନ୍ତେ କେଉଁଠୁ ଅସ୍ତ୍ରଶସ୍ତ୍ର ଓ ବାହନ ଆସିଥାଆନ୍ତା ? ସେମାନଙ୍କ (ମୁସଲମାନମାନଙ୍କ) ପାଖରେ କିଛି ବି ନଥିଲା। ସରକାରଙ୍କ ରାଜକୋଷ ମଧ୍ୟ ଶୂନ୍ୟ ପଡ଼ିଥିଲା । ସେମାନଙ୍କ ଏତାଦୃଶ ଦୁଃରାବସ୍ଥାକୁ ଦୂର କରିବା ପାଇଁ ସେମାନଙ୍କ ଭାଇମାନେ ହିଁ ସାହାଯ୍ୟ ନିମନ୍ତେ ଆଗେଇ ଆସିପାରି ଥାଆନ୍ତେ । ପ୍ରତ୍ୟେକ ବ୍ୟକ୍ତି ପରସ୍ପର ଠାରୁ ଆଗେଇ ଯିବା ନିମନ୍ତେ ଉଦ୍ୟମ କରୁଥିଲା। ହ. ଉସ୍‌ମାନ୍ ର.ଅ ସେଦିନ ନିଜର ଅର୍ଥର ଅଧିକାଂଶ ଭାଗ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥାପିତ କରି ଦେଇଥିଲେ । ସେହି ଅର୍ଥରାଶିର ପରିମାଣ 1000/- ସ୍ୱର୍ଣ୍ଣ ଦିନାର ଥିଲା । ଅର୍ଥାତ୍ 25000/- ଟଙ୍କା ସେ କାଳରେ ହେବ । ଆଜିକା ସମୟରେ ସେହି 1000/- ଦିନାରର ମୂଲ୍ୟ ଲକ୍ଷରୁ ଉର୍ଦ୍ଧ୍ୱ ହେବ । "

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ସହାବାମାନେ ନିଜ ନିଜର ସାମର୍ଥ୍ୟାନୁଯାୟୀ ଚାନ୍ଦା ଦେଲେ ଏବଂ ଅଭାବି ଏବଂ ମୁସଲମାନମାଙ୍କ ନିମନ୍ତେ ବାହନ ଏବଂ ଖଡ଼୍‌ଗ ଓ ବର୍ଚ୍ଛା ମଧ୍ୟ ଜିହାଦ୍‌କାରୀମାନଙ୍କ ନିମନ୍ତେ ଉପଲବ୍ଧ କରାଇଲେ। ସାହାବାମାନଙ୍କ ମଧ୍ୟରେ ବଳିଦାନର ଉତ୍ସାହ ଏତେ ରହିଥିଲା ଯେ, ୟମନ୍‌ର କିଛି ଲୋକମାନେ ଯେଉଁମାନେ ଇସ୍‌ଲାମ୍ ଧର୍ମର ସ୍ୱୀକାର କରି ମଦିନାକୁ ଚାଲି ଆସିଥିଲେ ଏବଂ ଅତ୍ୟନ୍ତ ଦାରିଦ୍ର୍ୟତା ଆବସ୍ଥାରେ ଜୀବନ ବିତାଉଥିଲେ ସେମାନଙ୍କର କିଛି ଲୋକ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆମମାନଙ୍କୁ ମଧ୍ୟ ନିଜ ସାଙ୍ଗରେ ନେଇ ଚାଲନ୍ତୁ । ଆମେ ଆଉ କିଛି ଚାହୁଁ ନାହୁଁ । ଆମେମାନେ କେବଳ ଏହା ଚାହୁଁଛୁ ଯେ, ଆମକୁ ଯୁଦ୍ଧରେ ଯିବା ନମିନ୍ତେ ପାଥେୟ ମିଳିଯାଉ । ପବିତ୍ର କୁରଆନ୍ କରୀମ୍‌ରେ ସେହି ଲୋକମାନଙ୍କର ଚର୍ଚ୍ଚା ଏହି ଶବ୍ଦରେ ବର୍ଣ୍ଣିତ ହୋଇଛି ଯେପରିକି ପୂର୍ବେ ମୁଁ ଆବୃତ୍ତି କରିଛି । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: " أَحۡمِلُكُمۡ عَلَيۡهِ تَوَلَّوا وَّ أَعۡيُنُهُمۡ تَفِيۡضُ مِنَ الدَّمۡعِ حَزَنًا أَلَّا يَجِدُوۡا مَا يُنۡفِقُوۡنَ **(ଅତ୍ ତୌବା: 92)** ଯେପରିକି ପୂର୍ବେ ଉପରୋକ୍ତ ଆୟତ୍‌ର ଅନୁବାଦ ହୋଇଛି ତାହା ଏହିପରି ଯେ, "ଏବେ ସେମାନଙ୍କ ବିରୁଦ୍ଧରେ ମଧ୍ୟ କୌଣସି ଅଭିଯୋଗ ନାହିଁ ଯେଉଁମାନେ ତୁମ୍ଭ ନିକଟକୁ ସେତେବେଳେ ଆସିଥିଲେ ଯେତେବେଳେ ଯୁଦ୍ଧ ଘୋଷଣା କରାଯାଇଥିଲା । ସେମାନେ ଏଥି ସକାଶେ ଆସିଥିଲେ ଯେ, ତୁମ୍ଭେ ସେମାନଙ୍କ ସକାଶେ କୌଣସି ବାହନର ବ୍ୟବସ୍ଥା କରିଦେବ। ତୁମ୍ଭେ ଉତ୍ତର ଦେଇଥିଲ ଯେ, ଆମ୍ଭ ନିକଟରେ ଏପରି କିଛି ନାହିଁ ଯାହା ଉପରେ ଆମ୍ଭେ ତୁମ୍ଭମାନଙ୍କୁ ଆରୋହଣ କରାଇବୁ । ଏହା ଶୁଣି ସେମାନେ ଫେରି ଯାଇଥିଲେ ଏବଂ ଦୁଃଖରେ ସେମାନଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଉଥିଲା ଯେ, ହାୟ ! ସେମାନଙ୍କ ନିକଟରେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବାକୁ କିଛି ବି ନଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ମୁସା ଅଶ୍‌ଅରୀ ର.ଅ ସେହି ଲୋକମାନଙ୍କର ଅଧିପତି ଥିଲେ । ସେମାନଙ୍କୁ ଯେତେବେଳେ ପଚରାଗଲା ଯେ, ସେମାନେ ସେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ କ'ଣ ମାଗିଥିଲେ ? ତେବେ ସେହି ଲୋକମାନେ କହିଲେ, ଆମେମାନେ ଓଟ ମାଗୁ ନାହୁଁ, ଆମେମାନେ ଆପଣ ସ.ଅଙ୍କୁ ଘୋଡ଼ା ମାଗୁ ନାହୁଁ, ଆମେମାନେ ଆପଣ ସ.ଅଙ୍କୁ କେବଳ ଏତିକି କହିଥିଲୁ ଯେ, ଆମେମାନେ ଫୁଙ୍ଗୁଳ ପାଦ ଅଛୁ, ଆମ ପାଦରେ ଜୋତା ମଧ୍ୟ ନାହିଁ । ଅର୍ଥାତ୍ ଆମେ ଜୋତା ମଧ୍ୟ ପିନ୍ଧୁ ନାହୁଁ ଏବଂ ଏତେ ଦୀର୍ଘ ଯାତ୍ରା ଆମେ ପାଦରେ ଚାଲି ପାରିବୁ ନାହିଁ । ଯଦି ଆମମାନଙ୍କୁ କେବଳ ହଳେ ଜୋତା ମିଳିଗଲା ତେବେ ଆମେମାନେ ସେହି ଜୋତା ପିନ୍ଧି ଦଉଡ଼ି ଯାଇ ନିଜର ଭାଇମାନଙ୍କ ସହିତ ଯୁଦ୍ଧରେ ସାମିଲ ହେବା ନିମନ୍ତେ ପହଞ୍ଚିଯିବୁ । ଅତଏବ୍ ଏହା ଥିଲା ସେହି ମୁସଲମାନମାନଙ୍କର ଉତ୍ସାହ ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-360-361)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧରେ ଯିବା ସମୟରେ ମଦିନାରେ ପ୍ରତିଷ୍ଠାନିକ ନିଯୁକ୍ତ କରିବା ସଂକ୍ରାନ୍ତରେ ମଧ୍ୟ ଚର୍ଚ୍ଚା ମିଳେ । ଅତଏବ୍ ତୁବୁକ୍ ଯୁଦ୍ଧ ଅବସରରେ ଆଁହଜରତ୍ ସ.ଅ କାହାକୁ ନିଜର ନାଏବ୍ ଭାବରେ ନିଯୁକ୍ତ କରିଥିଲେ । ଏଥି ସଂକ୍ରାନ୍ତରେ ନାନା କଥନ ମିଳେ । ଏକ କଥନ ଅନୁଯାୟୀ ନବୀ କରୀମ୍ ସ.ଅ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କୁ ମଦିନାରେ ନିଜର ଅମୀର୍ ନିଯୁକ୍ତ କଲେ । ଏତଦ୍‌ଭିନ୍ନ ହ. ସିବାଅ ବିନ୍ ଉର୍ଫତା, ହ. ଅଲୀ, ହ. ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମ୍‌ଙ୍କ ନାମୋଲ୍ଲେଖ ଥିବାର ମଧ୍ୟ ଜଣାଯାଏ । **(ଅସ୍‌ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-185, ତୁବୁକ୍ ଯୁଦ୍ଧ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2002 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ନାନା ବର୍ଣ୍ଣନାକୁ ଯଦି ଅବଲୋକନ କରାଯାଏ ଯେ, ସେହି ବର୍ଣ୍ଣନାମାନଙ୍କରେ କିପରି ସମନ୍ୱୟତା ରକ୍ଷା କରାଯାଇ ପାରିବ? ଏହି ଚାରି ଜଣଙ୍କର ଯେଉଁ ନାମୋଲ୍ଲେଖ ରହିଛି ସେମାନଙ୍କୁ କିପରି ବୁଝି ହେବ ପ୍ରକୃତରେ ଉପରୋକ୍ତ ବର୍ଣ୍ଣନାଗୁଡ଼ିକୁ ସଠିକ୍ ଅଟନ୍ତି ଅବା ନୁହେଁ ? ଅତଏବ୍ ଉପରୋକ୍ତ ବର୍ଣ୍ଣନାମାନଙ୍କ ମଧ୍ୟରୁ ଗୋଟିଏ ବର୍ଣ୍ଣନାକୁ ଆମେମାନେ ଯଦି ନେବା ତେବେ ସେହି ଚାରିଜଣ ବ୍ୟକ୍ତି ନାଏବ୍ ରୂପେ ନିଯୁକ୍ତ ହୋଇଥିଲେ । କିନ୍ତୁ ସେମାନଙ୍କର ଦାୟିତ୍ୱରେ ପାର୍ଥ୍ୟକତା ରହିଥିଲା । ହ. ଅଲୀ ର.ଅଙ୍କୁ ଆଁହଜରତ ସ.ଅଙ୍କ ପରିବାର ବର୍ଗଙ୍କ ଦାୟିତ୍ୱ ଏବଂ ସେମାନଙ୍କର ଦେଖାଶୁଣା କରିବାର ଦାୟିତ୍ୱ ଅର୍ପଣ କରାଇଥିଲା । ହ. ମୁହମ୍ମଦ ବିନ୍ ମ ସଲ୍‌ମା ମଦିନାବାସୀଙ୍କ ସାମୂହିକ ପ୍ରସଙ୍ଗର ଦାୟିତ୍ୱ ନିର୍ବାହକାରୀ ବ୍ୟକ୍ତି ଥିଲେ, ସେହିପରି ହ. ଉମ୍ମେ ମକ୍‌ତୁମ୍ ର.ଅଙ୍କୁ ନମାଜ୍‌ରେ ଇମାମତ୍ ଅର୍ଥାତ୍ ନମାଜ୍ ପାଠ କରାଇବା ଦାୟିତ୍ୱ ପ୍ରଦାନ କରାଯାଇଥିଲା ଓ ହ. ସିବାଅ ବିନ୍ ଉର୍ଫତା ର.ଅଙ୍କୁ ମଦିନାର ସାମୂହିକ ଅମୀର୍ ରୂପେ ନିଯୁକ୍ତ କରଯାଇଥିଲା । ପୁନଶ୍ଚ ତାଙ୍କର ସ୍ଥାନରେ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କୁ ନାମାଙ୍କିତ କରି ଦିଆଯାଇଥିଲା । **(ଶରହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-81, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1996 ମସିହା)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଗ୍ରନ୍ଥଖଣ୍ଡ-9, ପୃ-480, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେହେତୁ ଏହା ଏକ ଦୀର୍ଘ ଯାତ୍ରା ଥିଲା ସେଇଥି ପାଇଁ ଆଁହଜରତ ସ.ଅ ନିଜର ପରିବାରବର୍ଗଙ୍କ ଦେଖାଶୁଣା ଏବଂ ପାରିବାରିକ ଆବଶ୍ୟକତା ସମ୍ପାଦନ ନିମନ୍ତେ ହ. ଅଲୀ ର.ଅଙ୍କୁ ମଦିନାରେ ହିଁ ରହିବାକୁ ଆଦେଶ ଦେଇଥିଲେ । କପଟବିଶ୍ୱାସୀମାନେ ଯେଉଁମାନଙ୍କର କାମ କେବଳ ବ୍ୟଙ୍ଗ ବିଦ୍ରୁପ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କରିବା ଥିଲା, ସେମାନେ ହ. ଅଲୀ ର.ଅଙ୍କ ମଦିନାରେ ରହିଯିବା ଯୋଗୁଁ ନାନା ପ୍ରକାରର କଥା କିହବାକୁ ଲାଗିଲେ ଯେ, ଆରେ ଦେଖରେ ଦେଖ ! ଏ ଅଲୀ ନବୀ ସ.ଅଙ୍କ ଉପରେ ବୋଝ ଅଟେ । ସେଇଥି ପାଇଁ ଆପଣ ସ.ଅ ଅଲୀଙ୍କୁ ନିଜ ସାଙ୍ଗରେ ନେଲେ ନାହିଁ । ଏହି ବ୍ୟଙ୍ଗ ବିଦ୍ରୁପକୁ ଦେଖି କିମ୍ବା ଆଖାପାଖର କପଟବିଶ୍ଵାସୀମାନଙ୍କୁ ଦେଖି ହ. ଅଲୀ ର.ଅ ଘାବରେଇ ଯାଇ ସ୍ଵୟଂ ଅସ୍ତ୍ର ଧରିଲେ ଏବଂ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଗଲେ । ଆପଣ ସ.ଅ ବର୍ତ୍ତମାନ ମଦିନାରୁ ତିନି ଚାରି କିଲୋମିଟର ବ୍ୟବଧାନରେ ଜୁର୍ଫ୍ ନାମକ ସ୍ଥାନରେ ଅବସ୍ଥାନ କରିଥିଲେ । ହ. ଅଲୀ ର.ଅ ନିଜର ଚିନ୍ତିତ ଓ ବିଚଳିତତା ବା ଘାବରେଇବା ଅବସ୍ଥାର ଚର୍ଚ୍ଚା କରିଛନ୍ତି। ଅତଏବ୍ ହ. ଅଲୀ ର.ଅ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ମୋତେ ମହିଳା ଓ ଛୋଟ ପିଲାମାନଙ୍କ ଗହଣରେ କାହିଁକି ଛାଡ଼ିଦେଇ ଚାଲି ଆସିଛନ୍ତି ? ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ତ' ଶକ୍ତିଶାଳୀ ଅଟେ ଏବଂ ସାମର୍ଥ୍ୟବାନ୍ ମଧ୍ୟ ଅଟେ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ହ. ଅଲୀ ର.ଅଙ୍କ ମନ ରଖି ଏପରି ବାକ୍ୟ କହିଲେ, ଯାହା ହ. ଅଲୀ ର.ଅଙ୍କ ମର୍ଯ୍ୟାଦା ଓ ତାହାଙ୍କ ଗାରିମାକୁ ଦ୍ଵିଗୁଣିତ କରି ପକାଇଥିଲା ।

ହୁଜୁର ଅନୱର୍ ଅ.ବ କହିଲେ, ଆଁହଜରତ ସ.ଅ ହ. ଅଲୀ ର.ଅଙ୍କୁ ଯେଉଁ ବାକ୍ୟ କହିଥିଲେ ତାହା ଏହିପରି ଯେ,

اَلَا تَرْضٰى اَنْ تَكُوْنَ مِنِّيْ بِمَنْزِلَةِ هَارُوْنَ مِنْ مُوْسٰى اِلَّا اَنَّهٗ لَيْسَ نَبِيٌّ بَعْدِيْ

ଅର୍ଥାତ୍ ହେ ଅଲୀ ! କ'ଣ ତୁମେ ଆନନ୍ଦିତ ନୁହଁ ଯେ, ତୁମେ ମୋ ନିମନ୍ତେ ଠିକ୍ ସେହିପରି ଯେପରି ହାରୁନ୍ ମୁସ ଅ.ସଙ୍କ ନିମନ୍ତେ ଥିଲେ । କିନ୍ତୁ ପାର୍ଥକ୍ୟ ଏତିକି ଯେ, ହାରୁନ୍ ନବୀ ଥିଲେ ଓ ତୁମେ ନବୀ ନାହିଁ । ଅର୍ଥାତ୍ ହ. ମୁସା ଅ.ସ ଯେତେବେଳେ ତୁର୍ ପର୍ବତରେ ଅବସ୍ଥିତ ଥିବା ଗୁମ୍ଫା ମଧ୍ୟକୁ ଗମନ କଲେ ସେତେବେଳେ ତାଙ୍କ ପଛେ ପଛେ ହ. ହାରୁନ୍ ଅ.ସ ହ. ମୁସା ଅ.ସଙ୍କ ପ୍ରତିଷ୍ଠାନିକ ଅବତାର ଥିଲା । କିନ୍ତୁ ହାରୁନ୍ ଅ.ସ ଅବତାର ମଧ୍ୟ ଥିଲେ ଓ ହେ ଅଲୀ ! ତୁମେ ତ' ମୋର ପ୍ରତିଷ୍ଠାନିକ ହେବ କିନ୍ତୁ ତୁମେ ନବୀ ଅର୍ଥାତ୍ ଅବତାର ହେବ ନାହିଁ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜୱା ତୁବୁକ୍, ୱହିୟା ଗଜୱତୁଲ୍ ଉସ୍ରାହ୍, ହଦିସ୍-4416)(ଅଲ୍ ଲୁଉଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-472, ମକ୍ତବା ଦାରୁସ୍ ସଲାମ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧରେ ମୁସଲମାନମାନଙ୍କ ସୈନ୍ୟ ସଂଖ୍ୟା ସଂପର୍କରେ ଉଲ୍ଲେଖ ରହିଛି । ଅର୍ଥାତ୍ ରସୁଲୁଲ୍ଲାଃ ସ.ଅ ଯୁଦ୍ଧ ନିମନ୍ତେ ପ୍ରତ୍ୟେକ ପ୍ରକାରର ପ୍ରକାଶ୍ୟ ସାଧନ କରିବା ପରେ ଦୁଆ ଆଡ଼କୁ ଧ୍ୟାନ ଦେଲେ ଏବଂ ଯୁଦ୍ଧର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ତୁବୁକ୍ ଅଭିମୁଖେ ବାହାରିବା ପର୍ଯ୍ୟନ୍ତ ଆପଣ ସ.ଅ ଏହି ଦୁଆ କରୁଥିଲେ ଯେ, اَللّٰهُمَّ اِنْ تُهْلِكْ هٰذِهِ الْعِصَابَةُ فَلَنْ تُعْبَدَ فِي الْاَرْضِ ଅର୍ଥାତ୍ ହେ ଈଶ୍ଵର ! ଏହି ଛୋଟିଆ ସଂପ୍ରଦାୟର ଯଦି ବିନାଶ ଘଟିଲା ତେବେ ଭୂପୃଷ୍ଠରେ ଆଉ କେହି ବି ତୁମ୍ଭର ଉପାସନାକାରୀ ବ୍ୟକ୍ତି ରହିବ ନାହିଁ । ଏହା ଅତ୍ୟନ୍ତ ବିଚିତ୍ର ଏବଂ ଆକସ୍ମିକ ସଂଯୋଗ ଯେ, ଆଁହଜରତ ସ.ଅଙ୍କ ସର୍ବ ପ୍ରଥମ ଯୁଦ୍ଧ ଅର୍ଥାତ୍ ବଦର୍ ଯୁଦ୍ଧ ଅବସରରେ ମଧ୍ୟ ଉପରୋକ୍ତ ପ୍ରାର୍ଥନା (ଦୁଆ)ର ଚର୍ଚ୍ଚା ମିଳେ । **(ଅଲ୍ ମୁଜିମୁଲ୍ କବିର୍ ଲିତ୍ ତବ୍ରୀ, ଗ୍ରନ୍ଥଖଣ୍ଡ-18, ପୃ-231-232, ଦାରୁ ଅହ୍ୟାଉତ୍ ତୁରାସୁଲ୍ ଅରବି, 2002 ମସିହା) (କନ୍ଜୁଲ୍ ଉମ୍ମାଲ୍, ଗ୍ରନ୍ଥଖଣ୍ଡ-. ଅଧ୍ୟାୟ-13, ପୃ-18, ହଦିସ୍ ନଂ-36183, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍-2004 ମସିହା) (ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-5, ପୃ-434, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍, 1993 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଭୀଷଣ ଗ୍ରୀଷ୍ମ ଋତୁରେ ଦୀର୍ଘ ଯାତ୍ରା ଏଭଂ ଅନ୍ୟାନ୍ୟ ସମସ୍ୟା ଓ କପଟବିଶ୍ଵୀସଙ୍କ କୁମନ୍ତ୍ରଣା ସତ୍ତ୍ଵେ 30,000 ସଂଖ୍ୟକ ଏକ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ ହୋଇଗଲା । ସେହି ସୈନ୍ୟବାହିନୀ ମଧ୍ୟରେ 10,000 ସଂଖ୍ୟ ଅଶ୍ଵାରୋହୀ ଥିଲେ । ଆଁହଜରତ ସ.ଅଙ୍କ ଜୀବନକାଳ ମଧ୍ୟରେ ଏହି ସୈନ୍ୟବାହିନୀ ସର୍ବ ବୃହତ୍ ସୈନ୍ୟବାହିନୀ ଥିଲା । ସୈନ୍ୟବାହିନୀ ସଂଖ୍ୟା ବିଭିନ୍ନ ବର୍ଣ୍ଣନାମାନଙ୍କରେ ଭିନ୍ନ ଭିନ୍ନ ବୋଲି ବର୍ଣ୍ଣିତ ହୋଇଛି । ଏକ ବର୍ଣ୍ଣନାନୁଯାୟୀ 40,000 ସୈନ୍ୟବାହିନୀର ଚର୍ଚ୍ଚା ମଧ୍ୟ କଥନରୁ ମିଳେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ସୈନ୍ୟବାହିନୀ ସଂଖ୍ୟା 70,000 ମଧ୍ୟ ବର୍ଣ୍ଣିତ ହୋଇଛି । ଆପଣ ସ.ଅଙ୍କ ସହିତ 10,000 ଅଶ୍ଵାରୋହୀ କିମ୍ବା ଅନ୍ୟ କେତେକଙ୍କ ନିକଟରେ 12,000 ଅଶ୍ଵାରୋହୀ ଥିଲେ ବୋଲି ବର୍ଣ୍ଣିତ ହୋଇଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଇତିହାସବିତ୍ମାନେ 30,000 ସଂଖ୍ୟା ଉପରେ ହିଁ ସହମତି ପ୍ରକାଶ କରିଛନ୍ତି ଏବଂ ଅନ୍ୟ ଇତିହାସବିତ୍ମାନେ 30,000ର ସଂଖ୍ୟାକୁ ସଠିକ୍ ବୋଲି ଦର୍ଶାଇଛନ୍ତି । କାରଣ ସେତେବେଳେ ଜିହାଦ୍କାରୀମାନଙ୍କ ସଂଖ୍ୟା ନିମନ୍ତେ କୌଣସି ରେଜିଷ୍ଟର୍ ଖାତା ଇତ୍ୟାଦି ତ' ହେଉ ନଥିଲା । ଯେପରିକି ପରବର୍ତ୍ତୀ ସମୟରେ ଖିଲାଫତେ ରାଶିଦା (4 ଖଲିଫା ଅର୍ଥାତ୍ ହ. ଅବୁ ବକ୍କର, ହ. ଉମର୍ ର.ଅ, ହ. ଉସମାନ୍ ର.ଅ ଓ ହ. ଅଲୀ ର.ଅ) କାଳରେ ଏହି ପନ୍ଥା ଅର୍ଥାତ୍ ସୈନ୍ୟବାହିନୀ ସଂଖ୍ୟା ଗଣନା ଜାରି ହୋଇଯାଇଥିଲା । **(ଅସ୍ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-185, ତୁବୁକ୍ ଯୁଦ୍ଧ ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, 2002 ମସିହା)(ଅଲ୍ ଲୁଉଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-474, ମକ୍ତବା ଦାରୁସ୍ ସଲାମ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ରସୁଲୁଲ୍ଲାଃ ସ.ଅ ଅନ୍ସାର ଏବଂ ଆରବ୍ୟ ସଂପ୍ରଦାୟର ପ୍ରତ୍ୟେକ ଶାଖାକୁ ଏହି ଆଦେଶ ଦେଲେ ଯେ, ସେମାନେ ଲିୱା ଅର୍ଥାତ୍ କ୍ଷୁଦ୍ର ଧ୍ଵଜା ଅବା ରାଆୟାହ୍ ବୃହତ୍ ଧ୍ଵଜା ତିଆରି କରି ନିଅନ୍ତୁ । ଆପଣ ସ.ଅ ତୁବୁକ୍ ଯୁଦ୍ଧରେ ସର୍ବ ବୃହତ୍ ଧ୍ଵଜା ହ. ଅବୁ ବକ୍କର୍ ର.ଅଙ୍କୁ ପ୍ରଦାନ କରିଥିଲେ । ଏତଦ୍ଭିନ୍ନ ହ. ଜୁବୈର୍ ର.ଅ ହ. ଉସୈଦ୍ ବିନ୍ ହୁଜୈର୍, ହ. ଅବୁ ଦୁଜାନା ର.ଅ କିମ୍ବା ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ହୁବ୍ବାବ୍ ବିନ୍ ମୁନ୍ଜର୍ ର.ଅଙ୍କୁ ମଧ୍ୟ ଧ୍ଵଜା ପ୍ରଦାନ କରିଥିଲେ । **(ଅତ୍ତବ୍କାତୁଲ୍ କୁବ୍ରା ଲିଇବ୍ନି ସାଆଦ୍, ଗ୍ରନ୍ଥଖଣ୍ଡ-2, ପୃ-125, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ସଂସ୍କରଣ ବର୍ଷ- 1990 ମସିହା) (ଅସ୍ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-3, ପୃ-186, ତୁବୁକ୍ ଯୁଦ୍ଧ ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, 2002 ମସିହା) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-83, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍, 1996 ମସିହା)(ଅଲ୍ ଲୁଉଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-475, ମକ୍ତବା ଦାରୁସ୍ ସଲାମ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେତେବେଳେ ଯାତ୍ରୀସମୂହ ମଧ୍ୟରେ ଲୋକମାନେ ସମୂହ ହୋଇ ବାହାରୁଥିଲେ । ସେତେବେଳେ କୌଣସି ପଥପ୍ରଦର୍ଶନକାରୀ ବ୍ୟକ୍ତି ନଥିଲା ଯିଏ ମାର୍ଗ ସହିତ ଭଲ ଭାବରେ ପରିଚିତ ଥିବ ଓ ତାକୁ ପଥପ୍ରଦର୍ଶନକାରୀ ରୂପେ ଯାତ୍ରୀସମୂହମାନେ ରଖି ନେବେ । ତୁବୁକ୍ ଯୁଦ୍ଧ ଅବସରରେ ଉକ୍ତ ଅମୀର୍ ନିଯୁକ୍ତ ସଂପର୍କରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ମାର୍ଗଦର୍ଶକ ରୂପେ ଅଲ୍କମା ବିନ୍ ଫଗ୍ୱା ଖୁଜାଇ ଏବଂ ତାଙ୍କର ପିତାଙ୍କୁ ମନୋନୀତ କଲେ । କାରଣ ଏମାନେ ମାର୍ଗ ସହିତ ଭଲ ଭାବରେ ପରିଚିତ ତଥା ଅବଗତ ଥିଲେ ଏବଂ ଶୀଘ୍ର ଶୀଘ୍ର ସଠିକ୍ ମାର୍ଗ ଦେଇ ନେଇ ଯାଇପାରୁଥିଲେ । **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-84, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍, 1996 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. କାଆବ୍ ବିନ୍ ମାଲିକ୍ ବର୍ଣ୍ଣନା କରନ୍ତି ଯେ, ତୁବୁକ୍ ଯୁଦ୍ଧ ନିମନ୍ତେ ନବୀ କରୀମ୍ ସ.ଅ ଗୁରୁବାର ଦିନ ବାହାରିଥିଲେ ଏବଂ ଗୁରୁବାର ଦିନ ଯାତ୍ରା କରିବାକୁ ଆପଣ ସ.ଅ ପସନ୍ଦ କରୁଥିଲେ (ଭଲ ପାଉଥିଲେ) । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-ମନ୍ ଅରାଦା ଗଜୱା ଫୌରି ବିଗୈରିହା, ୱହିୟା ଗଜୱତୁଲ୍ ଉସ୍ରାହ୍, ହଦିସ୍-2950)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସାମୂହିକ ପ୍ରଥାନୁଯାୟୀ ମଦିନାର କିଛି ଦୂରରେ ସନିୟାତୁଲ୍ ୱଦାଅ ନାମକ ସ୍ଥାନରେ ଲୋକମାନେ ଏକତ୍ରିତ ହେବା ଆରମ୍ଭ ହୋଇଗଲେ ଏବଂ ପୁନଶ୍ଚ ଯେତେବେଳେ ପ୍ରସ୍ତୁତ ହୋଇଗଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ମଦିନାରୁ ତୁବୁକ୍ ଅଭିମୁଖେ ବାହାରିଲେ । କପଟବିଶ୍ଵାସୀମାନଙ୍କର ଅଧିପତି ଅବ୍ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ମଧ୍ୟ ନିଜର ଶେଷ କପଟତାମୂଳକ ଅସ୍ତ୍ର ରୂପେ ଏକ ସୈନ୍ୟବାହିନୀ ନେଇ ସନିୟତୁଲ୍ ୱଦାର ପାଦ ଦେଶରେ କୋହେ ଜୁବାବ୍ (ଜୁବାବ୍ ନାମକ ଏକ ଗୁମ୍ଫା) ଠାରେ ଶିବିର ସ୍ଥାପନ କରିଥିଲା । ସେ ଏହି ପ୍ରତିକ୍ରିୟା ଦେଉଥିଲା ଯେ, ସେ ମଧ୍ୟ ମୁସଲମାନମାନଙ୍କ ସହିତ ତୁବୁକ୍ ଯୁଦ୍ଧରେ ଯିବା ନିମନ୍ତେ ପ୍ରସ୍ତୁତ ଅଛି । କିନ୍ତୁ ଆଁହଜରତ ସ.ଅ ଯେମିତି ସୈନ୍ୟବାହିନୀକୁ ପ୍ରସ୍ତୁତ ହେବା ନିମନ୍ତେ ଆଦେଶ ଦେଲେ ସେତେବେଳେ ସେ (ଅବ୍ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍) ଏହା କହି ନିଜର ସୈନ୍ୟବାହିନୀକୁ ମଦିନାକୁ ଫେରାଇ ଆଣିଲା ଯେ, ଏହି ମୁସଲମାନମାନେ ରୋମୀୟମାନଙ୍କ ସହିତ ଯୁଦ୍ଧ କରିବାକୁ ଖେଳ ବୋଲି ମନେକରୁଛନ୍ତି । ସେ ଏହା କହି ଫେରି ଆସିଲା ଯେ, ଏହା କୌଣସି ଖେଳ ତ' ନୁହେଁ ? ରୋମୀୟ ସାମ୍ରାଜ୍ୟ ଏକ ବିଶାଶ ସାମ୍ରାଜ୍ୟ ଥିଲା । ସେ ଏହା କହିଲା ଯେ, ଏତେ ଭୀଷଣ ତଥା ପ୍ରଚଣ୍ଡ ଗ୍ରୀଷ୍ମ କାଳ ତଥା ସେହି ଉତ୍କଟ ପରିସ୍ଥିତି ସମୟରେ ଏତେ ଦୂର ରାଜ୍ୟର ଯାତ୍ରା କରିବା କୌଣସି ବୁଦ୍ଧିମତାର କାମ ନୁହେଁ । ସେ କହିବାକୁ ଲାଗିଲା, "ମୁଁ ତ' ମୁହମ୍ମଦ୍ ସ.ଅଙ୍କ ସାଥିମାନଙ୍କୁ ରୋମୀୟମାନଙ୍କ ହାତରେ ବନ୍ଦୀ ହେଉଥିବାର ଦେଖୁଅଛି ।" ଏହା କହି ସେ ସେଠାରୁ ଫେରି ଆସିଲା । ତା'ର ଏହି ଅଭିପ୍ରାୟ ଥିଲା ଯେ, ସମ୍ଭବତଃ ମୁସଲମାନମାନଙ୍କର ହୃଦୟ ସଙ୍କୁଚିତ ହୋଇଯିବ ଏବଂ ସେହି ଧାରଣରେ ସମ୍ଭବତଃ ମୁସଲମାନମାନେ ଆଁହଜରତ୍


ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ଵାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ସ.ଅଙ୍କ ସାହଚର୍ଯ୍ୟତ୍ୱକୁ ପରିତ୍ୟାଗ କରିଦେବେ । କିନ୍ତୁ ସେ ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ପୂର୍ବବତ୍ ଅକୃତକାର୍ଯ୍ୟ ହିଁ ଫେରିଗଲା । ସେ ୱହୋଦ୍ ଯୁଦ୍ଧରେ ମଧ୍ୟ ଏହିପରି କରିଥିଲା । ସେତେବେଳେ ମଧ୍ୟ ସେ ମୁସଲମାନ ସୈନ୍ୟବାହିନୀ ସହିତ କିଛି ଦୂର ପର୍ଯ୍ୟନ୍ତ ଯାଇଥିଲା ଏବଂ ପୁନଶ୍ଚ ବାଟରେ ହିଁ ନିଜର 300 ସଥିମାନଙ୍କ ସମେତ ଫେରି ଆସିଲା । ଅପର ପକ୍ଷେ ମୁସଲମାନମାନଙ୍କର ମୋଟ୍ ସୈନ୍ୟ ସଂଖ୍ୟା 1000 ଥିଲା । ଅତଏବ୍ ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲଲ୍‌ର ସାଥିମାନଙ୍କ ସଂଖ୍ୟା 300 ଓ ମୁସଲମାନମାନଙ୍କ ସୈନ୍ୟ ସଂଖ୍ୟା 700 ଥିଲା ତେବେ । ମୋଟ୍ ସୈନ୍ୟ ସଂଖ୍ୟା ହେଲା 1000 (300+700=1000) । ଅତଏବ୍ ଯଦି ଆମେ ଅବ୍‌ଦୁଲ୍ଲାଃର ସୈନ୍ୟ ସଂଖ୍ୟାକୁ ବିୟୋଗ କରିଦେଉ ତେବେ ମୋଟ୍ ସୈନ୍ୟ ସଂଖ୍ୟା ହେଲା (1000-300 =700) । ତେଣୁ ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ନିଜର ସୈନ୍ୟବାହିନୀକୁ ଫେରାଇ ନେଇଗଲା ସେତେବେଳେ ମୁସଲମାନମାନଙ୍କର ସୈନ୍ୟସଂଖ୍ୟା 700 ରହିଗଲା । ଏହି ସୈନ୍ୟବାହିନୀ ମଧ୍ୟ ବିଶାଳ ସୈନ୍ୟବାହିନୀ ଥିଲା । **(ଶରହ୍‌ଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-84, ଗ୍ରନ୍ଥଖଣ୍ଡ-2, ପୃ-400 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା) (ତାରିଖୁତ୍ ତବ୍ରୀ, ଗ୍ରନ୍ଥ ଖଣ୍ଡ-2, ପୃ-182, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2012 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହି ଚର୍ଚ୍ଚା ମଧ୍ୟ ମିଳେ ଯେ, ଉକ୍ତ ଯୁଦ୍ଧରେ ଜଣେ ଦାସ ନିଜର ମାଲିକଙ୍କ ଅନୁମତି ବିନା ଯୁଦ୍ଧରେ ସାମିଲ୍ ହେବା ନିମନ୍ତେ ଚାଲି ଆସିଥିଲା । ଯେତେବେଳେ ଆଁହଜରତ ସ.ଅଙ୍କୁ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ସେହି ଦାସକୁ ଭର୍ତ୍ସନା ଏବଂ ସତର୍କ କରାଇଲେ ଯେ, ସେ କାହିଁକି ମାଲିକ୍‌ର ବିନା ଅନୁମତିରେ ଯୁଦ୍ଧରେ ସାମିଲ୍ ହୋଇଗଲା ? ଅତଏବ୍ ଏହାର ବିବରଣୀରେ ଉଲ୍ଲେଖ ରହିଛି ଯେ, ନବୀ କରୀମ୍ ସ.ଅ ଯେତେବେଳେ ସନିୟତୁଲ୍ ୱଦାଅ ନାମକ ସ୍ଥାନରେ ଶିବିର ସ୍ଥାପନ କଲେ । ସେହି ଶିବିର ସ୍ଥାପନ ସମୟରେ ଜଣେ ସଶସ୍ତ୍ରଧାରୀ ଦାସକୁ ଆପଣ ସ.ଅ ଦେଖିଲେ। ସେହି ଦାସ ଜଣକ ନିଜ ମାଲିକାଣୀଙ୍କ ବିନା ଅନୁମତିରେ ଚାଲି ଆସିଥିଲା । ତେଣୁ ଆପଣ ସ.ଅ ସେହି ଦାସକୁ କହିଲେ, ହେ ଦାସ ! ତୁମେ ନିଜର ମାଲିକାଣୀଙ୍କ ପାଖକୁ ଚାଲିଯାଅ । ଆପଣ ସ.ଅ ସେହି ଦାସକୁ ଯେତେବେଳେ ପଚାରିଲେ ଯେ, ସେ ନିଜର ମାଲିକାଣୀଙ୍କ ଅନୁମତି ପ୍ରାପ୍ତ କରି ଯୁଦ୍ଧରେ ସାମିଲ୍ ହେବା ନିମନ୍ତେ ଆସିଛି ଅବା ନୁହେଁ ? ପ୍ରତ୍ୟୁତ୍ତରରେ ସେହି ଦାସ ଜଣକ କହିଲା, ସେ ନିଜ ମାଲିକାଣୀଙ୍କ ଅନୁମତି ନନେଇ ଯୁଦ୍ଧକୁ ଚାଲି ଆସିଛି । ଅର୍ଥାତ୍ ମାଲିକାଣୀଙ୍କ ଠାରୁ ଅନୁମତି ପ୍ରାପ୍ତ କରି ନାହିଁ। ଆପଣ ସ.ଅ ସେହି ଦାସକୁ କହିଲେ, ହେ ଦାସ ! ତୁମେ ନିଜ ମାଲିକାଣୀଙ୍କ ପାଖକୁ ଫେରିଯାଅ ଏବଂ ଆପଣ ସ.ଅ ସେହି ଦାସକୁ କହିଲେ, ହେ ଦାସ ! ତୁମେ ଆମ ସହିତ ଯୁଦ୍ଧରେ ସାମିଲ୍ ହେବ ନାହିଁ । ଯଦି ତୁମେ ଯୁଦ୍ଧରେ ମୃତ୍ୟୁବରଣ କର ତେବେ ତୁମେ ନର୍କଗାମୀ ହେବ । **(ଶରହ୍‌ଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଗ୍ରନ୍ଥ ଖଣ୍ଡ-4, ପୃ-83-84, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଶ୍ୱାସ୍ତତା ଓ ସନ୍ତକ ରକ୍ଷା କରିବାର ଯେଉଁ ଦାୟିତ୍ୱ ରହିଛି ସେ ମଧ୍ୟ ଏହା ଆଶା କରେ ଯେ, ମାଲିକ ଠାରୁ ଅନୁମତି ନିଆଯାଉ । ସେ ଯାହା ହେଉ ଉକ୍ତ ଯୁଦ୍ଧର ଅତିରିକ୍ତ ବିବରଣୀ **ଇନ୍‌ଶାଅଲ୍ଲାଃ** ମୁଁ ଆସାନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ କେତେକ ମୃତକ, ମୃତକାମାନଙ୍କର ନମାଜ୍ ଯନାଜାଃ ପାଠ କରାଇବି । ସେହି ମୃତକମାନଙ୍କ ମଧ୍ୟରୁ **ପ୍ରଥମ** ମୃତକ ହେଲେ ଇଣ୍ଡୋନେସିଆର ଶ୍ରୀଯୁକ୍ତ ଗୁଲାମ୍ ମୋହିଉଦ୍ଦୀନ୍ ସୁଲୈମାନ୍ ସାହେବଙ୍କର । ସ୍ୱର୍ଗତ ମହୋଦୟ ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ । ବିଗତ ଦିନ 67 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । اناللّٰہواناالیہراجعون । ତାଙ୍କର ଦଦା ହାଜି ଦାମେରୀ ସାହେବ 1932 ମସିହାରେ ସ୍ୱର୍ଗତ ମୌଲାନା ରହମତ୍ ଅଲୀ ସାହେବଙ୍କ ହସ୍ତରେ ବୈଅତ୍ କରିଥିଲେ । ପ୍ରାରମ୍ଭିକ ଶିକ୍ଷା ପ୍ରାପ୍ତ କରିବା ପରେ ସ୍ୱର୍ଗତ ମହୋଦୟ ଅତିରିକ୍ତ ଏବଂ ଉଚ୍ଚ ଶିକ୍ଷା ପ୍ରାପ୍ତ କରିବା ନିମନ୍ତେ ରବ୍‌ୱା ଚାଲିଗଲେ ଏବଂ ସେଠାରେ ତାଙ୍କୁ ଯାମିୟା ଅହମଦିୟା ରବ୍‌ୱାର ଫସଲେ ଖାସ୍ ଶ୍ରେଣୀରେ ଆଡ୍‌ମିଶନ ମିଳିଗଲା। ଜୁଲାଇ 1985 ମସିହାରେ ସ୍ୱର୍ଗତ ମହୋଦୟ ସେଠାରେ ଶାହାଦତ୍ ଅଲା ଯାନିବ୍‌ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଇଣ୍ଡୋନେସିଆକୁ ଆପଣ ଫେରି ଆସିଲେ। ହ. ଖଲିଫତୁଲ୍ ମସିହୁର୍ ରାବେ ର.ଅଙ୍କ କାଳରେ ଆପଣ ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଆପଣ ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ସ୍ୱର୍ଗତ ମହୋଦୟଙ୍କୁ ଇଣ୍ଡୋନେସିଆର ରାଜଧାନୀ ଜାକାର୍ତ୍ତା ନିଯୁକ୍ତ କରିଥିଲେ ଏବଂ ସେଠାକାର ବିଭିନ୍ନ ସହରରେ ଆପଣ ନିଯୁକ୍ତ ହୋଇ ବଦଳି ମଧ୍ୟ ହୋଇଥିଲେ ଓ ସ୍ଥାନୀୟ ମୁବଲ୍ଲିଗ୍ ରୂପେ କାର୍ଯ୍ୟ କରୁଥିଲେ । ସେହିପରି କେନ୍ଦ୍ରୀୟ କମିଟିମାନଙ୍କରେ ମଧ୍ୟ ଆପଣ ସଦସ୍ୟ ରହିଥିଲେ । ସ୍ୱର୍ଗତଙ୍କ ସେବା କରିବାର କାର୍ଯ୍ୟକାଳ ନ୍ୟୁନାଧିକ 40 ବର୍ଷ ଅଟେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ଦୁଇ ଜଣ ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଛନ୍ତି । ସ୍ୱର୍ଗତଙ୍କର ସୁପୁତ ମୁସ୍‌ଲେହୁଦ୍ଦୀନ୍ ଏହ୍‌ସାନ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ଏବଂ ସେ ମଧ୍ୟ ସେହିଠାରେ ସେବା ସମ୍ପାଦନ କରୁଛନ୍ତି। ସ୍ୱର୍ଗତଙ୍କ ସଂକ୍ରାନ୍ତରେ ସମସ୍ତ ସାକ୍ଷାତ୍‌କାରୀ ଲୋକ ଏବଂ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନେ ନିମ୍ନୋକ୍ତ କଥାର ପରିପ୍ରକାଶ କରିଛନ୍ତି ଯେ, ସ୍ୱର୍ଗତ ମହୋଦୟ ଜଣେ ନିଷ୍ଠାପର, ସରଳ ଓ ଅତ୍ୟନ୍ତ ପ୍ରେମକାରୀ ବ୍ୟକ୍ତି ଥିଲେ । ନିଜର ଜୀବନକୁ ସର୍ବଦା ଧର୍ମ ସେବା, ଜମାଅତ୍ ସକାଶେ ଓ ପର ଉପକାର ସାଧନ କରିବା ସକାଶେ ଉତ୍ସର୍ଗ କରି ଦେଇଥିଲେ । ସ୍ୱର୍ଗତଙ୍କ ମଧ୍ୟରେ ବିନୀତତା, କୋମଳତା, ନୀତିନିଷ୍ଠପ୍ରିୟ ଇତ୍ୟାଦି ସୁଗୁଣାବଳୀ ଅନନ୍ୟ ଭାବରେ ବିଦ୍ୟମାନ ରହିଥିଲା । ଯେଉଁ ବ୍ୟକ୍ତି ବି ଆପଣଙ୍କୁ ଭେଟୁଥିଲା ସେ ଆପଣଙ୍କର ନିଷ୍ଠା ଏବଂ ସରଳ ସ୍ୱଭାବରୁ ପ୍ରଭାବିତ ହୋଇ ରହିପାରୁ ନଥିଲା । ଶିକ୍ଷା ଏବଂ ସଂସ୍କାର କ୍ଷେତ୍ରରେ ଆପଣଙ୍କ ସେବା ଅତି ପ୍ରଶଂସନୀୟ ଅଟେ । ଆପଣ ସର୍ବଦା ଜ୍ଞାନର ସହିତ ଚରିତ୍ରକୁ ଗୁରୁତ୍ୱ ଦେଉଥିଲେ । ସେହିପରି ଆପଣଙ୍କର ସର୍ବଦା ଏହି ଚିନ୍ତା ରହିଥିଲା ଯେ, ନୂତନ ବଂଶଧରକୁ ଉତ୍ତମ ଭୂମିକା ଏବଂ ବିଶ୍ୱାସର ଭିତ୍ତି ଉପରେ ପ୍ରତିଷ୍ଠିତ କରାଯାଉ । ତବ୍‌ଲିଗ୍ କାର୍ଯ୍ୟରେ ମଧ୍ୟ ଆପଣ ମନ ଓ ପ୍ରାଣ ଦେଇ ଭାଗ ନେଲେ । ଆପଣ ସର୍ବଦା ନିଷ୍ଠା, ସମ୍ମାନ ଏବଂ ପ୍ରେମ ଓ ଆନ୍ତରୀକତାର ସହିତ ନିଜର ସନ୍ଦେଶକୁ ପହଞ୍ଚାଇଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ଖିଲାଫତ୍ ସହିତ ସ୍ୱର୍ଗତଙ୍କର ଅତି ନିବିଡ଼ ସଂପର୍କ ରହିଥିଲା। ବିଶ୍ୱସ୍ତାରେ ସ୍ୱର୍ଗତଙ୍କର ଆଦର୍ଶ ଅନନ୍ୟ ଥିଲା । ଅଲ୍ଲାଃତାଲାଙ୍କ ଉପରେ ଆପଣଙ୍କର ଅଗାଧ ବିଶ୍ୱାସ ରହିଥିଲା । ଆପଣ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖୁଥିବା ଜଣେ ନିଷ୍ଠାପର ବିଶ୍ୱାସାକାରୀ ବ୍ୟକ୍ତି ଥିଲେ । ଜୀବନର ସେଷ ଦିନମାନଙ୍କରେ ଆପଣ ଅତ୍ୟନ୍ତ ଧୈର୍ଯ୍ୟ, ସାହସ ଓ ଅବିଚଳତା ପ୍ରଦର୍ଶନ କରିଥିଲେ । ରୋଗରେ ମଧ୍ୟ ଆପଣ କୌଣସି ଅଭିଯୋଗ ନିଜ ତୁଣ୍ଡରେ ଆଣି ନଥିଲେ । ଆପଣ ସର୍ବଦା କୃତଜ୍ଞତା ଭାବ ପ୍ରକାଶ କରିଥିଲେ। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ଥାନକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, **ଦ୍ୱିତୀୟ** ଯନାଜାଃ ହେଲା ଶ୍ରୀଯୁକ୍ତ ସ୍ୱର୍ଗତ ଡାକ୍ତର ମୁହମ୍ମଦ୍ ଶଫିକ୍ ସେହଗଲ୍ ସାହେବଙ୍କର । ଆପଣ ମୁଲତାନ୍ ଜିଲ୍ଲାର ଅମୀର୍ ମଧ୍ୟ ଥିଲେ । ତତ୍ପରେ ଆପଣ ରବ୍‌ୱାର ନାଏବ୍ ୱକିଲୁତ୍ ତସ୍‌ନିଫ୍ ତେହ୍‌ରିକେ ଜଦିଦ୍ ମଧ୍ୟ ରହିଥିଲେ । ଆପଣଙ୍କର ମଧ୍ୟ ବିଗତ ଦିନରେ ବିୟୋଗ ହୋଇଯାଇଛି । اناللّٰہ واناالیہراجعون ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମହୋଦୟ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ତିନିଜଣ ପୁତ୍ର ସାମିଲ୍ ଥିଲେ। ତାଙ୍କ ବଂଶରେ ଅହଦମିୟତ୍ ତାଙ୍କର ପିତା ସ୍ୱର୍ଗତ ଶ୍ରୀଯୁକ୍ତ ମୁହମ୍ମଦ୍ ସେହଗଲ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ସ୍ୱର୍ଗତ ଡାକ୍ତର ସାହେବଙ୍କର ପିତାଶ୍ରୀ ଖଲିଫା ସାନି ର.ଅଙ୍କ କାଳରେ ଅହମଦିୟତ୍ ସ୍ୱୀକାର କରିଥିଲେ ଓ ସ୍ୱର୍ଗତ ମହୋଦୟ ପି.ଏଚ୍.ଡ଼ି ଡାଗ୍ରୀଧାରୀ ମଧ୍ୟ ଥିଲେ । ସ୍ୱର୍ଗତ ମୁହମ୍ମଦ ଶଫିକ୍ ସାହେବଙ୍କର ପିତାଶ୍ରୀ ସ୍ୱର୍ଗତ ମହୋଦୟଙ୍କୁ ମ୍ୟାଟ୍ରିକ ପରୀକ୍ଷା ପରେ ସେବା ନିମନ୍ତେ ଉତ୍ସର୍ଗ କରିଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସେବାରେ ଆପଣ ନିଜକୁ ଉପସ୍ଥାପିତ କରିଥିଲେ । ଆପଣ ର.ଅ କହିଥିଲେ ଯେ, ଶିକ୍ଷା ପ୍ରାପ୍ତ କର । ସେ ଯାହା ହେଉ ଶିକ୍ଷା ପ୍ରାପ୍ତ କରିବା ନିମନ୍ତେ ଆପଣଙ୍କର ବିଜ୍ଞାନରେ ଅଭିରୁଚି ରହିଥିଲା। ସେତେବେଳେ ଫଜ୍‌ଲେ ଉମର୍ ରିସର୍ଚ୍ଚ ସେଣ୍ଟର୍ ଗଠନ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ସେ ପ୍ରଥମେ ସେଠାରେ କେମେଷ୍ଟ୍ରୀରେ ଏମ.ଏସ୍.ସି କଲେ ଏବଂ ପୁନଶ୍ଚ ୟୁ.କେରୁ କେମେଷ୍ଟ୍ରୀରୁ ପି.ଏଚ୍.ଡ଼ି ଡିଗ୍ରୀ ପ୍ରାପ୍ତ କଲେ । ଆପଣଙ୍କୁ ଏହି ସମ୍ମାନ ମଧ୍ୟ ପ୍ରାପ୍ତ ହୋଇଛି ଯେ, ଆପଣ ଇସ୍ତାନବୁଲ୍‌ର ପୁରସ୍କାର ବିଜେତା ମଧ୍ୟ ଥିଲେ । ସେ ଯାହା ହେଉ ଯେତେବେଳେ ଆପଣ ଆସିଗଲେ ସେତେବେଳେ ତୁରନ୍ତ ଇନଷ୍ଟିଚ୍ୟୁଟ୍ ତିଆରି ହୋଇପାରି ନଥିଲା । ସେଇଥିପାଇଁ ହ. ମୁସଲେହ୍ ମଉଦ୍ ର.ଅ ସ୍ୱର୍ଗତଙ୍କୁ ସେଠାରେ ନିୟୋଜିତ କଲେ ନାହିଁ । ସ୍ୱର୍ଗତ ମହୋଦୟ ଖାଲି ବସିଥିଲେ। ତେବେ ସ୍ୱର୍ଗତ ଡାକ୍ତର ଶଫିକ୍ ସାହେବଙ୍କ ପିତାଶ୍ରୀ ସ୍ୱର୍ଗତଙ୍କୁ କହିଲେ, ଯେପର୍ଯ୍ୟନ୍ତ ଜମାଅତ୍‌କୁ ତୁମର ଆବଶ୍ୟକତା ପଡ଼ି ନାହିଁ ସେପର୍ଯ୍ୟନ୍ତ ସେପର୍ଯ୍ୟନ୍ତ ତୁମେ ମୋ ସହିତ ବ୍ୟାପାରରେ ସାମିଲ୍ ହୋଇଯାଅ । ଅତଏବ୍ ସେ ନିଜର ପିତାଶ୍ରୀଙ୍କ ସହିତ ବାଣିଜ୍ୟ ବ୍ୟବସାୟରେ ସାମିଲ୍ ହୋଇଗଲେ । କିନ୍ତୁ ପିତାଙ୍କ ସହିତ ସେ ବିଭିନ୍ନ ପଦ ହିସାବରେ ଜମାଅତୀୟ ସେବା କରିବାକୁ ମଧ୍ୟ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ପ୍ରାୟ 14, 15 ବର୍ଷ ପର୍ଯ୍ୟନ୍ତ ଆପଣ ମୁଲତାନ୍ ଜିଲ୍ଲାର ଅମୀର୍ ଭାବରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ସେହିପରି ଫୁର୍କାନ ଫୋର୍ସରେ ମଧ୍ୟ ଆପଣ ସାମିଲ୍ ହୋଇଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହୁର୍ ରାବେ ର.ଅଙ୍କ କାଳରେ କଲିକତାରେ ଦୁଇ ବଂଶଙ୍କ ମଧ୍ୟରେ ଏକ ବିବାଦ ପ୍ରସଙ୍ଗ ରହିଥିଲା । ସେହି ବିବାଦ ଦୀର୍ଘ ଦିନ ଧରି ଚାଲିଥିଲା ଏବଂ ସ୍ୱର୍ଗତ ଡାକ୍ତର ଶଫିକ୍ ସାହେବ ସେହି ଦୁଇ ବଂଶର ଅତିପ୍ରିୟ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ତେବେ ହ. ଖଲିଫତୁଲ୍ ମସିହୁର୍ ରାବେ ର.ଅ ଏକ କମିଶନ୍ (ଆୟୋଗ) ଗଠନ କରି ସ୍ୱର୍ଗତ ମହୋଦୟଙ୍କୁ ସେଠାକୁ ତଦନ୍ତ କରିବା ନିମନ୍ତେ ପ୍ରେରଣ କଲେ । ସ୍ୱର୍ଗତ ମହୋଦୟ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ଉଭୟ ପକ୍ଷର ବିବାଦକୁ ସମାଧାନ କରିଥିଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ସ୍ୱର୍ଗତ ମହୋଦୟଙ୍କୁ ଏହି ଭାବାବେଗ ମଧ୍ୟ ବ୍ୟକ୍ତ କରିଥିଲେ ଯେ, "ଡାକ୍ତର ସାହେବ! ମୋତେ ଏକଥା ଜଣା ଯେ, ଆପଣ ବିବାଦ ସମାଧାନ ସମୟରେ, ନ୍ୟାୟ ପ୍ରଦାନ କଲାବେଳେ ସଂପର୍କୀୟଙ୍କ ଓ ସଂପର୍କ କଥା ମଧ୍ୟ ଭାବିବେ ନାହିଁ ଓ ଆପଣ ବିଶ୍ୱସ୍ତତା ଓ ନ୍ୟାୟର ସହିତ ଉଭୟ ପକ୍ଷଙ୍କ ବିବାଦର ସମାଧାନ କରିବେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଏହିପରି ହିଁ ହେଲା । 1991 ମସିହାରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଆଦେଶ କ୍ରମେ ଆପଣ ୟୁଗାଣ୍ଡା ମଧ୍ୟ ଗଲେ ଏବଂ ସେଠାରେ ଅଏଲ୍ ମିଲ୍ (ତେଲ ମିଲ୍) ସ୍ଥାପନ କରିବାର ଥିଲା । ନିଜର

## ପୃ-୨ରେ ବର୍ଣ୍ଣିତ ଖୁତ୍‌ବା ଜୁମା-17-10-2025ର ଅବଶିଷ୍ଟାଂଶ....

ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆପଣ ସେଠାରେ ଅଏଲ୍ ମିଲ୍ ସ୍ଥାପନ କଲେ । ସେହିପରି ଆଫ୍ରିକାର ଅନ୍ୟ ତିନୋଟି ଦେଶରେ ଓ ଗୋଟିଏ ଇଉରୋପ ଦେଶରେ ମଧ୍ୟ ତାଙ୍କୁ ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଉକ୍ତ ଦାୟିତ୍ୱକୁ ଆପଣ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ସମ୍ପାଦନ ଓ ନିର୍ବାହ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଲ୍‌ତାନ୍ Edible ଅଏଲ୍ ମିଲ୍ ମଧ୍ୟ ବଡ଼ ଅଏଲ୍ ମିଲ୍ ଥିଲା । ସେଠାରେ ଆପଣ କାମ କରୁଥିଲେ ଓ ନିଜର ବ୍ୟବସାୟ କରୁଥିଲେ। କିନ୍ତୁ ଏହି ଅନୁଭବ ସର୍ବଦା ସ୍ୱର୍ଗତଙ୍କ ଉପରେ ବ୍ୟାପୃତ ହୋଇ ରହିଲା ଯେ, ମୁଁ ଜଣେ ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଅଟେ । ସ୍ୱର୍ଗତ ମହୋଦୟ ନିଜର ବ୍ୟବସାୟିକ କର୍ମ ବ୍ୟସ୍ତତାକୁ ମଧ୍ୟ ଜମାଅତ୍‌ର କାର୍ଯ୍ୟ ଆଗରେ ଉତ୍ସର୍ଗ କରି ଦେଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ସେ ଯାହା ହେଉ 2003 ମସିହାରେ ସ୍ୱର୍ଗତ ମହୋଦୟ ମୋତେ ପତ୍ର ଲେଖିଲେ ଯେ, ହୁଜୁର୍ ! ବର୍ତ୍ତମାନ ମୁଁ ନିଜକୁ ୱକ୍‌ଫ୍ କରିବାକୁ ଚାହୁଁଛି ଏବଂ ଅବଶିଷ୍ଟ ଜୀବନ ମୁଁ ଜମାଅତ୍‌ର ସେବା କରିବାକୁ ଚାହୁଁଛି । ସୁତରାଂ ମୁଁ (ଅର୍ଥାତ୍ ହୁଜୁର ଅନ୍‌ୱର୍ ଅ.ବ) ତାଙ୍କୁ ସେଠାରେ ତେହରିକେ ଜଦିଦ୍‌ରେ ନାଏବ୍ ୱକିଲୁତ୍ ତସ୍‌ନିଫ୍ ରୂପେ ନିଯୁକ୍ତ କଲି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟ ଜଣେ ଶିକ୍ଷିତ ବ୍ୟକ୍ତି ଥିଲେ। ସ୍ୱର୍ଗତଙ୍କର ଇଂରାଜୀ ଜ୍ଞାନ ମଧ୍ୟ ବହୁତ ଭଲ ଥିଲା । ସ୍ୱର୍ଗତଙ୍କର ଧାର୍ମିକ ଜ୍ଞାନ ମଧ୍ୟ ରହିଥିଲା । ତେଣୁ ସ୍ୱର୍ଗତ ମହୋଦୟ ଧାର୍ମିକ କାର୍ଯ୍ୟ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ସମ୍ପାଦନ କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ସୁପୁତ୍ର ସେହଗଲ୍ ସାହେବ ଉଲ୍ଲେଖ କରନ୍ତି ଯେ, ପିତାଶ୍ରୀ ଏକ ସକ୍ରିୟ, ଅଭିପ୍ରାୟିକ, ଉପସନାକାରୀ ଭାବରେ ଜୀବନ ଅତିବାହିତ କରିବାକୁ ସକ୍ଷମ ଓ ସାମର୍ଥ୍ୟତା ପ୍ରାପ୍ତ କରିଥିଲେ । ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ଏବଂ ତା' ଉପରେ ବିଚାର କରିବା ମଧ୍ୟ ଆପଣଙ୍କ ଜୀବନର ବିଶେଷ ଗୁଣ ରହିଥିଲା । ଆପଣଙ୍କ ବିୟୋଗରେ ଅନେକ ଶୋକ ପ୍ରକାଶକାରୀମାନେ ଏହା ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କର ସ୍ୱଭାବ ଅତ୍ୟନ୍ତ କୋମଳ ଥିଲା । ବାତ୍ସଲ୍ୟତା ଭାବାବେଗ ଆପଣଙ୍କ ଠାରେ ବିଦ୍ୟମାନ ରହିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟ ଜଣେ ମାନବ ପ୍ରେମୀ ବ୍ୟକ୍ତି ଥିଲେ ଏବଂ ସ୍ୱର୍ଗତଙ୍କର ମାର୍ଗଦର୍ଶନ ଏବଂ ସଂସ୍କାର କରିବାର ଅତ୍ୟନ୍ତ ଉତ୍ତମ ଢଙ୍ଗ ରହିଥିଲା । ପିତାଶ୍ରୀ ଆମମାନଙ୍କୁ ମଧ୍ୟ ଜମାଅତୀୟ ବ୍ୟବସ୍ଥାରେ ଆଜ୍ଞା ପାଳନ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ ଏବଂ ପିତାଶ୍ରୀ କହୁଥିଲେ ଯେ, ଯଦି କୌଣସି ସଂଶୋଧନ ତଥା ସଂସ୍କାର ଯୋଗ୍ୟ ପ୍ରସଙ୍ଗ ଦେଖ ତେବେ ଯଥୋଚିତ ସମୟରେ ନିଜର ମତ ପ୍ରକାଶ କର । ସବୁ ସ୍ଥାନରେ ନିଜର କଥା ଓ ମତ ପ୍ରକାଶ କରିବ ନାହିଁ। ତୁମେମାନେ ପଦାଧିକାରୀଙ୍କ ଆଡ଼କୁ ଚାହଁ ନାହିଁ ! କାରଣ ତୁମେମାନେ ଉପସ୍ଥିତ ଖିଲିଫାଙ୍କର ବୈଅତ୍ କରିଛ । ତୁମେମାନେ କେବଳ ଏହା ଚିନ୍ତା କର ଯେ, ତୁମେ ଯେଉଁ କଥା କରିବ ତାହା ଉପସ୍ଥିତ ଖଲିଫାଙ୍କୁ ଜଣାଇବ ଓ ଖଲିଫାଙ୍କ ସହିତ କରିଥିବା ବିଶ୍ୱସ୍ତତାର ଅଙ୍ଗୀକାରକୁ ଶେଷ ପର୍ଯ୍ୟନ୍ତ ସଂପୂର୍ଣ୍ଣ କରିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, **ତୃତୀୟ** ଯନାଜାଃ ହେଲା ସ୍ୱର୍ଗତା ଶ୍ରୀମତି ବୁଶ୍ରା ପର୍‌ୱେଜ୍ ମିନ୍‌ହାସ୍ ସାହେବାଙ୍କର । ସ୍ୱର୍ଗତା ମହୋଦୟା ୟୁ.ଏସ.ଏର ପର୍‌ୱେଜ୍ ମିନ୍‌ହାସ୍ ସାହେବାଙ୍କର ପତ୍ନି ଥିଲେ । ବିଗତ ଦିନରେ ସ୍ୱର୍ଗତାଙ୍କର ମଧ୍ୟ ବିୟୋଗ ହୋଇଯାଇଛି । اناللهواناالیهراجعون ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଚୌଧୁରୀ ଫଜଲ୍ ଅହମଦ୍ ସାହେବ କରୀମ୍ ନଗର ଏବଂ ନୁସ୍ରତାବାଦ୍‌ର ପୂର୍ବତନ ମ୍ୟାନେଜର (ପରିଚାଳକ) ଥିଲେ । ସେଠାରେ ଜମାଅତ୍‌ର ଯେଉଁ ଫାର୍ମ ରହିଥିଲା ସେହି ଫାର୍ମର ଆପଣ ମ୍ୟନେଜର ଥିଲେ । ତେଣୁ ସ୍ୱର୍ଗତା ଶ୍ରୀମତି ବୁଶ୍ରା ପର୍‌ୱେଜ୍ ମିନ୍‌ହାସ୍ ସାହେବା ଚୌଧୁରୀ ଫଜଲ୍ ଅହମଦ୍ ସାହେବଙ୍କର କନ୍ୟା ଥିଲେ । ସ୍ୱର୍ଗତା ନିଜର ବିବାହ ପୂର୍ବରୁ ମଧ୍ୟ ହାଇଦ୍ରାବାଦ୍ ସିନ୍ଧର ଲଜ୍‌ନାରେ ବେଶ୍ ସେବା କରିବାକୁ ସାମର୍ଥ୍ୟ ଲାଭ ପ୍ରାପ୍ତ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ରାୱଲ୍‌ପିଣ୍ଡି ଠାରେ ରହିଥିଲେ । ଏଠାରେ ମଧ୍ୟ ତାଙ୍କୁ ସେବା କରିବାର ସାମର୍ଥ୍ୟତା ପ୍ରାପ୍ତ ହୋଇଥିଲା । ହାଇଦ୍ରାବାଦ୍, ପିଣ୍ଡି ହଲ୍‌କାର ଆପଣ ସଦର୍ ଲଜ୍‌ନା ମଧ୍ୟ ଥିଲେ । ତତ୍ପରେ ସ୍ୱର୍ଗତା ନିଜ ସ୍ୱାମୀଙ୍କ ସହିତ ଆମେରିକା ଚାଲିଗଲେ । ସେଠାରେ ମଧ୍ୟ ଆପଣ ମଜ୍‌ଲିସ୍‌ରେ ନାଏବ୍ ସଦର୍ ରୂପେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ମହୋଦୟା ପାଞ୍ଚବେଳା ନମାଜ୍, ନମାଜ୍ ତହଜ୍ଜୁଦ୍ ନମାଜ୍ ଓ ରୋଜାର ନିୟମାନୁବର୍ତ୍ତୀ ମହିଳା ଥିଲେ । ଅଲ୍ଲାଃତାଲାଙ୍କ ଉପରେ ସ୍ୱର୍ଗତାଙ୍କର ଅଗାଧ ବିଶ୍ୱାସ ରହିଥିଲା, ଖିଲାଫତ୍ ନିମନ୍ତେ ଆପଣ ପାଗଳ ପ୍ରାୟ ଥିଲେ, ଅତିଥି ସତ୍କାର, ମେଳାପୀ ପ୍ରିୟ, ଲୋକମାନଙ୍କର ଉପକାର ସାଧନକାରୀଣୀ ମହିଳା, ଅଭାବି ତଥା ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ଇତ୍ୟାଦି ସୁଗୁଣ ଆପଣଙ୍କ ଠାରେ ବିଦ୍ୟମାନ ରହିଥିଲା । ଆପଣ ଜଣେ ନୈଷ୍ଠିକା ମହିଳା ଥିଲେ । ସ୍ୱର୍ଗତା ଚାନ୍ଦା ଦେବାରେ ନିୟମିତ ଥିଲେ ଏବଂ ଆର୍ଥିକ ବଳିଦାନରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଭାଗ ନେଉଥିଲେ । ଖିଲାଫତ୍ ସହିତ ଆପଣଙ୍କର ଗଭୀର ସଂପର୍କ ରହିଥିଲା । ଆପଣ ସର୍ବଦା ଦୁଆ ନିମନ୍ତେ ମୋତେ ପତ୍ର ଲେଖୁଥିଲେ । ସ୍ୱର୍ଗତା ଓସିୟତ୍ ମଧ୍ୟ କରିଥିଲେ। ସ୍ୱର୍ଗତାଙ୍କର କୌଣସି ସନ୍ତାନ ନଥିଲା । ସେ ନିଃସନ୍ତାନ ଥିଲେ । କିନ୍ତୁ ଅନ୍ୟ ସନ୍ତାନମାନଙ୍କ ଉପରେ ଆପଣ ଅତ୍ୟନ୍ତ ଦୟା, ପ୍ରେମ, ମମତ୍ୱ ଓ ବାତ୍ସଲ୍ୟମୂଳକ ଆଚରଣ ପ୍ରଦର୍ଶନ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍ ।** ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ଏହି ମୃତକ ମୃତକାମାନଙ୍କର ନମାଜ୍ ଯନାଜାଃ ମୁଁ ପାଠ କରାଇବି । **ଇନ୍‌ଶାଅଲ୍ଲାଃ। (ଅଲ୍ ଫଜଲ୍ ଇଣ୍ଟର୍‌ନ୍ୟାସନଲ୍, 2025 ମସିହା, ନଭେମ୍ବର ମାସ 14 ତାରିଖ, 2025 ମସିହା ତାରିଖ, ପୃ- 2-7)** ☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ମାର୍ଗଭ୍ରଷ୍ଟ ହୋଇଯାଅ ନାହିଁ । ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ କୁରଆନ୍ କରୀମ୍‌ରେ କୁହନ୍ତି: لَا يَضُرُّكُمْ مَّنْ ضَلَّ إِذَا اهْتَدَيْتُمْ **(ଅଲ୍ ମାଏଦା: 106)** ଅର୍ଥାତ୍ ତୁମ୍ଭେମାନେ ଯଦି ସତ୍‌ମାର୍ଗ ଉପରେ ପ୍ରତିଷ୍ଠିତ ଥାଆନ୍ତ ତେବେ ଏଥି ନିମନ୍ତେ ତୁମ୍ଭେ ଭୃକ୍ଷେପ କରନ୍ତ ନାହିଁ ଯେ, ଅନ୍ୟ ବ୍ୟକ୍ତି ମାର୍ଗଭ୍ରଷ୍ଟ ହେଉଛି । ଅର୍ଥାତ୍ ଏପରି କଥା ଯାହାକି ପାପ ଅଟେ ତେବେ ସେହି ପାପକୁ ଏହା ଭାବି ସମ୍ପାଦନ କର ନାହିଁ ଯେ, ସେହି ପାପ ମାଧ୍ୟମରେ ତୁମେମାନେ ଅନ୍ୟମାନଙ୍କୁ ସତ୍‌ମାର୍ଗ ପ୍ରଦାନ କରିଦେବ। ଯେତେବେଳେ ତୁମର ସତ୍‌ମାର୍ଗ ଅନ୍ୟର ସତ୍‌ମାର୍ଗ ସହିତ ମୁହାଁମୁହିଁ ହୋଇଯାଏ ତେବେ ସେତେବେଳେ ତୁମେମାନେ ନିଜର ସତ୍‌ମାର୍ଗ ସଂପର୍କରେ ଆଗ ଚିନ୍ତା କର, ଅର୍ଥାତ୍ ଅନ୍ୟର ସତ୍‌ମାର୍ଗକୁ ପରିତ୍ୟାଗ କରି ନିଜର ମାର୍ଗଦର୍ଶନ ଓ ସତ୍‌ମାର୍ଗ ପ୍ରତି ଚିନ୍ତା କର । ପରର ସତ୍‌ମାର୍ଗକୁ ଅଲ୍ଲାଃତାଲାଙ୍କ ଉପରେ ଛାଡ଼ିଦିଅ । କାରଣ ଅଲ୍ଲାଃତାଲା ଏହା ପସନ୍ଦ କରନ୍ତି ନାହିଁ ଯେ, ବିଶ୍ୱାସକାରୀ ବ୍ୟକ୍ତି ଅବିଶ୍ୱାସକାରୀ ବ୍ୟକ୍ତି ହୋଇଯାଉ ଏବଂ ଅବିଶ୍ୱାସକାରୀ ବ୍ୟକ୍ତି ବିଶ୍ୱାସକାରୀ ବ୍ୟକ୍ତି ହୋଇଯାଉ । ଅଲ୍ଲାଃତାଲା ତ' ଅନ୍ୟମାନଙ୍କୁ (ଲୋକମାନଙ୍କୁ) ସତମାର୍ଗ ପ୍ରଦାନ କରିବାକୁ ଚାହାନ୍ତି।

ସ୍ଥାନ ଓ ସମୟାନୁକୂଳ କଥାକୁ ମଧ୍ୟ ହିକମତ୍ (ତତ୍ତ୍ୱ) କୁହନ୍ତି । ଉପରୋକ୍ତ ଅର୍ଥ ଦୃଷ୍ଟିରୁ ଉକ୍ତ ଆୟତ୍‌ର ଏହି ଅର୍ଥ ହେବ ଯେ, ତବ୍‌ଲିଗ୍ କରିବା ସମୟରେ ଯଥା ସମୟ କଥା କହିବା ଉଚିତ୍ । ଯଦି କେତେକ ପ୍ରମାଣରୁ ଶତ୍ରୁ ପରାଜିତ ହେବାର ଆଶଙ୍କା ହେବ ଏବଂ ଏହି ବିପଦ ଥିବ ଯେ, ସେ ଏପରି ତୁମର କଥାକୁ ଶୁଣିବ ନାହିଁ ତେବେ ଏହା ଉଚିତ୍ ନୁହଁ ଯେ, ତୁମେ ଅକାରଣରେ ତା'କୁ ଚିଡ଼ାଇବ । ତୁମେ ତା' ସମ୍ମୁଖରେ ଅନ୍ୟ ପ୍ରମାଣ ଉପସ୍ଥାପିତ କର ଯାହାକୁ ସେ ଶୀତଳ ହୃଦୟର ସହିତ ଶୁଣି ପାରିବ। ଅର୍ଥାତ୍ କଥାବାର୍ତ୍ତା କରିବା ସମୟରେ ପ୍ରଥମେ ସ୍ୱଭାବକୁ ଚିହ୍ନିନିଅ । ଯଦି ତୁମେ ସେମାନଙ୍କୁ ଅଯଥାରେ ଉତ୍‌କ୍ଷିପ୍ତ, ଉତ୍ୟକ୍ତ କରାଅ ତେବେ ତୁମକୁ କୌଣସି ଲାଭ ମିଳିବ ନାହିଁ ।

ଅଲ୍ଲାଃତାଲା ଅତ୍ୟନ୍ତ ସଂକ୍ଷିପ୍ତ ଶବ୍ଦରେ ତବ୍‌ଲିଗ୍‌ର ସମସ୍ତ ରହସ୍ୟ ସଂପର୍କରେ ବର୍ଣ୍ଣନା କରି ଦେଇଛନ୍ତି । ଯେଉଁ ବ୍ୟକ୍ତି ବି ତବ୍‌ଲିଗ୍‌ର ଏହି ରହସ୍ୟ ଉପରେ କାର୍ଯ୍ୟାନୁସରଣ କରିବ ତେବେ ସେହି ବ୍ୟକ୍ତି କେବେ ବି ଅକୃତକାର୍ଯ୍ୟ ହେବ ନାହିଁ ।

الْمَوْعِظَةُ الْحَسَنَةُର ଅର୍ଥ ପୂର୍ବେ ଅତିକ୍ରାନ୍ତ ହୋଇ ସାରିଛି । ଅର୍ଥାତ୍ ଚର୍ଚ୍ଚା ହୋଇ ସାରିଛି । ଅତଏବ୍ ଯେଉଁ ବାଣୀ ହୃଦୟକୁ କୋମଳ କରି ଦେଇଥାଏ ତେବେ ତାହା ଅନ୍ୟମାନଙ୍କ ଉପରେ ଅବଶ୍ୟ ଗଭୀର ପ୍ରଭାବ ପକାଇଥାଏ । ଉକ୍ତ ଉପଦେଶ ଦେଇ ଅଲ୍ଲାଃତାଲା ମୁସଲମାନମାନଙ୍କୁ ଏହି ଆଡ଼କୁ ଦଷ୍ଟି ଆକର୍ଷଣ କରାଇଛନ୍ତି ଯେ, ଶୁଷ୍କ ପ୍ରମାଣ ମାଧ୍ୟମରେ କାମ ଚଳାଇ ନିଅ ନାହିଁ । ବରଂ ଭାବାବେଗକୁ ଉତ୍ସାହିତ କରୁଥିବା କଥା ମଧ୍ୟ କୁହ ଏବଂ ତତ୍‌ସହିତ ଉତ୍ତମ ଉପଦେଶକୁ ଅନ୍ତର୍ଭୁକ୍ତ କର । ହସ୍‌ନା (ଉତ୍ତମ) ଶବ୍ଦ ପ୍ରୟୋଗ କରି ଅଲ୍ଲାଃତାଲା ଏହା ମଧ୍ୟ **(ଅବଶିଷ୍ଟାଂଶ...ପୃ-11ରେ)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବା ଉଚିତ୍ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର/ସ୍ଥାନୀୟ ଅମୀର/ସଦର୍ ଜମାଅତ୍/ମୁବ୍ଲିଗ୍ ଇନଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-143516, ମୋବାଇଲ୍ ନଂ: 9682587713 ,9888232530, 9682627592, କାର୍ଯ୍ୟାଳୟ: 01872-501130
Email:diwan@qadian.in

## ହଦିସର ଅନୁମତିର ଅର୍ଥ ଏହା ନୁହେଁ ଯେ, ପରସ୍ପରକୁ ବୁଝିବା ନିମନ୍ତେ ସବୁବେଳେ ଅଲଗା ସ୍ଥାନରେ ଯାଇ ବସିବେ ?

### ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ ଅ.ବ (ପଞ୍ଚମ ଖଲିଫା)ଙ୍କ ନିତୀବାଣୀ

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ହ. ମୁଗିରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଏକ ସ୍ଥାନାରେ ନିଶାନୀ କରିବାକୁ ସନ୍ଦେଶ ପ୍ରେରଣ କଲେ । ତେବେ ଆପଣ ସ.ଅ କହିଲେ, ହେ ମୁଗିରାହ୍ ! ତୁମେ ସେହି କନ୍ୟାକୁ ଦେଖିନିଅ । କାରଣ ଏପରି ଦେଖିବା ଦ୍ୱାରା ତୁମ ମଧ୍ୟରେ ଓ କନ୍ୟା ମଧ୍ୟରେ ସମନ୍ୱୟତା ଏବଂ ପ୍ରେମ ସଂପର୍କ ଗଢି ଉଠିବାର ସମ୍ଭାବନା ଅଧିକ ରହିଛି ।

**(ତିର୍ମିଜି, କିତାବୁନ୍ ନିକାହ୍, ବାବ୍- ଫିନ୍ ନଜରି ଇଲଲ୍ ମଖତୁବତି)**

ଉପରୋକ୍ତ ହଦିସରେ ଯେଉଁ ଅନୁମତି ପ୍ରଦାନ କରାଯାଇଛି ତାହାକୁ ଆଜିକାଲି ସମାଜରେ କେତେକ ଲୋକମାନେ ଭୁଲ୍ ଅର୍ଥ ମନେକରି ନେଇଛନ୍ତି । ସେହି ଲୋକମାନେ ଏହି ଅର୍ଥ ଗ୍ରହଣ କରି ନେଇଛନ୍ତି ଯେ, ପରସ୍ପରକୁ ବୁଝିବା ନିମନ୍ତେ ବର ଓ କନ୍ୟା ପରିବାର ବର୍ଗଙ୍କ ଠାରୁ ପୃଥକ୍ ରୁହନ୍ତୁ ଏବଂ ଅଲଗା ବୁଲାବୁଲି କରୁ ଥାଆନ୍ତୁ.......ଘରମାନଙ୍କର ମଧ୍ୟ ବର ଓ କନ୍ୟା ଘଣ୍ଟା ଧରି ଭିନ୍ନ ହୋଇ ବସି ରହିଥାଆନ୍ତି । ତେଣୁ ଏହି ପ୍ରସଙ୍ଗଟି ଭୁଲ୍ ଅଟେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ପରସ୍ପର ସମ୍ମୁଖକୁ ଆସି ପରସ୍ପରର ମୁଖକୁ ଦେଖି ପରସ୍ପରକୁ ଦେଖିବା ବୁଝିବାରେ ସହଜତା ସୃଷ୍ଟି ହୋଇଥାଏ । କଥାବାର୍ତ୍ତା କରିବା ସମୟରେ କେତେକ ଗତିବିଧି ସଂପର୍କରେ ଜଣା ପଡ଼ି ଯାଇଥାଏ । ଅର୍ଥାତ୍ ପୁଅ ଝିଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ଓ ଝିଅ ପୁଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ।

ପୁନଶ୍ଚ ଆଜିକାଲିକା ଯୁଗରେ ଘରର ସଦସ୍ୟମାନଙ୍କ ସହିତ ବସି ଖାଦ୍ୟ ଖାଇବାରେ କୌଣସି ଅସୁବିଧା ଓ ଆପତ୍ତି ନାହିଁ । ଆହାର ଖାଇବା ସମୟରେ ମଧ୍ୟ ପରସ୍ପରର ଅନେକ ଗତିବିଧି ଓ ଅଭ୍ୟାସ ପ୍ରକାଶିତ ହୋଇଯାଇଥାଏ । ଯଦି ଏପରି କୌଣସି କଥା ଭଲ ନଲାଗେ ତେବେ ଆଗରୁ ଜଣା ପଡ଼ିଯିବ ଏବଂ ପରବର୍ତ୍ତୀ ସମୟରେ କଳି ଝଗଡ଼ା ହେବ ନାହିଁ । ଯଦି ସୁଗୁଣ ରହିଛି ତେବେ ସମନ୍ୱୟ ଓ ପ୍ରେମ ସଂପର୍କ ଗଢି ଉଠିଥାଏ.......ବେଳେବେଳେ ଅନ୍ୟ ଲୋକମାନଙ୍କର ଏହି ଭୂମିକା ହୋଇ ଯାଇଥାଏ ଯେ, ଯଦି କାହା ସହିତ ରିସ୍ତା (ନିର୍ବନ୍ଧ) ହୋଇଗଲା ତେବେ ସେହି ସଂପର୍କକୁ ଭାଙ୍ଗିବା ନିମନ୍ତେ ଉଦ୍ୟମ କରିଥାଆନ୍ତି । ସେମାନଙ୍କୁ ସମ୍ମୁଖରେ ମିଳିବା ନିମନ୍ତେ ସୁଯୋଗ ମିଳି ନଥାଏ ।

ପୁଅ ଝିଅ ପରସ୍ପରର ଗତିବିଧିକୁ ଲକ୍ଷ୍ୟ କରିବା ଦ୍ୱାରା ପରସ୍ପରକୁ ଜାଣିଯାଇଥିବେ । କିନ୍ତୁ ବେଳେବେଳେ କେତେକ ଲୋକ ଅନ୍ୟ ପାର୍ଶ୍ୱରୁ ଚରମ ସୀମାକୁ ପହଞ୍ଚି ଯାଇଥାଆନ୍ତି । ସେମାନେ ଆଦୌ ଏହା ସହ୍ୟ କରିପାରନ୍ତି ନାହିଁ ଯେ, ପୁଅ ଝିଅ ବା ବର କନ୍ୟା ବିବାହ ପୂର୍ବରୁ କିମ୍ବା ସନ୍ଦେଶ ସମୟରେ ପରସ୍ପର ମୁହାଁମୁହିଁ ହୋଇ ବସିବେ । ଏହାକୁ ସ୍ୱାଭିମାନର ନାମ ପ୍ରଦାନ କରାଯାଇଥାଏ । ଇସଲାମ୍ ଧର୍ମର ଶିକ୍ଷା ଏକ ମଧ୍ୟବର୍ତ୍ତୀ ଶୀକ୍ଷା ଉପରେ ପର୍ଯ୍ୟବେସିତ ଅଟେ । ନା କୌଣସି ଶିକ୍ଷା ନ୍ୟୁନ ରହିଛି ଓ ନା ହିଁ କୌଣସି ଶିକ୍ଷା ଆଧିକ୍ୟତା ରହିଛି । ସେହିପରି ଇସଲାମ୍ ଧର୍ମ ଚରମତ୍ୱ, ଚରମ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଓ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଜୋର ଦେଇଥାଏ । ଏହା ଦ୍ୱାରା ଅର୍ଥାତ୍ ଇସଲାମ୍ ଧର୍ମର ଶିକ୍ଷା ଦ୍ୱାରା ହିଁ ମନୁଷ୍ୟ ସମାଜରେ ଶାନ୍ତିରେ ଜୀବନ ଯାପନ କରିବ ଓ ସମାଜରେ ଉପଦ୍ରବରୁ ଦୂରେଇ ରହି ପାରିବ । **(ଖୁତବାତେ ମସ୍ରୁର, ଗ୍ରନ୍ଥଖଣ୍ଡ-2, ପୃ-934) (ଶୋବା ରିସ୍ତା ନାତା, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)** ☆--☆--☆

### ପୃ-10ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

କହିଦେଲେ ଯେ, ମିଥ୍ୟା ସ୍ୱାଭିମାନ ପ୍ରବର୍ତ୍ତାଅ ନାହିଁ । ଯେପରିକି ଆଜି କାଲିକା ମୂର୍ଖ, ଅଶିକ୍ଷିତ ବିଦ୍ୱାନ୍‌ମାନେ ଲୋକମାନଙ୍କୁ ସତ୍ୟବାଦୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଅକାରଣରେ ସାଧାରଣ ଜନତାଙ୍କୁ ଉସ୍‌କାଇ ଥାଆନ୍ତି । **(ଅବଶିଷ୍ଟାଂଶ..ପୃ-12ରେ)**

### (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଇଂଲଣ୍ଡରେ ଯେହେତୁ ଶୀତ ଋତୁ (Winter Time) ଆରମ୍ଭ ହୋଇଯାଇଛି ତେଣୁ ତା- 31 ଅକ୍ଟୋବର 2025 ମସିହା ଠାରୁ ହୁଜୁର ଅନୱର୍ ଅ.ବଙ୍କ ଖୁତ୍‌ବା ଜୁମା ପୂର୍ବବତ୍ ଏମ୍.ଟି.ଏରେ ନିମ୍ନ ଲିଖିତ ସମୟାନୁଯାୟୀ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାହ:**

**ଇସଲାମାବାଦ୍ (ବ୍ରିଟେନ୍): 1.00 GMT ସମୟରେ**

**କାଦିୟାନ୍ (ଭାରତ): ସନ୍ଧ୍ୟା 6.30 P.M ସମୟରେ**

**(ବଦରର ସମ୍ପାଦକ ମଣ୍ଡଳୀ)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 04 December 2025 Issue No. 49

MANAGER
ATHAR AHMAD SHAMIM
Mobile. : +91 9815639670
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ତଫସିର ର ଅବଶିଷ୍ଟାଂଶ....

جَادِلۡهُمۡ بِالَّتِیۡ هِیَ اَحۡسَنُ କହିବାର ତାତ୍ପର୍ଯ୍ୟ ଏହିକି ଯେ, କଳହ (ଝଗଡ଼ା) କରିବା ସମୟରେ ଏହା ଦୃଷ୍ଟି ସମ୍ମୁଖରେ ରଖ ଯେ, ନାନା ପ୍ରମାଣରେ ଯେଉଁ ସର୍ବୋଚ୍ଚ ଏବଂ ବଳିଷ୍ଠ ପ୍ରମାଣ ଥିବ ତାକୁ ଭିତ୍ତି ରୂପେ ଏବଂ କେନ୍ଦ୍ର ରୂପେ ସ୍ଥାପନ କର ଓ ଅନ୍ୟ ପ୍ରମାଣଗୁଡ଼ିକୁ ବଳିଷ୍ଠ ପ୍ରମାଣ ଅଧୀନ ରଖ । କାରଣ ସମର୍ଥନକାରୀ ପ୍ରମାଣ ରଦ୍ଦ ତଥା ଭାଙ୍ଗିଯିବା ଦ୍ୱାରା ପ୍ରକୃତ ପ୍ରମାଣ ଦୁର୍ବଳ ହୋଇଯାଇ ନଥାଏ । କିନ୍ତୁ ଏହାର ବିପରୀତରେ ଯଦି କେନ୍ଦ୍ରୀୟ ବା ମୂଳ ବିନ୍ଦୁ ଦୁର୍ବଳ ହୁଏ ତେବେ ବଳିଷ୍ଠ ପ୍ରମାଣ ମଧ୍ୟ କିଛି ଲାଭ ଦେଇ ନଥାଏ ।

اِنَّ رَبَّکَ هُوَ اَعۡلَمُ بِمَنۡ ضَلَّ عَنۡ سَبِیۡلِهٖ وَهُوَ اَعۡلَمُ بِالۡمُهۡتَدِیۡنَ ରେ ଅଲ୍ଲାଃତାଲା ଏହା କହିଛନ୍ତି ଯେ, ତୁମେମାନେ ଭଲ ଭାବରେ ତବ୍‌ଲିଗ୍ କରୁଥାଅ। କିନ୍ତୁ ଲୋକମାନେ ଯଦି ତୁମ କଥା ନମାନ୍ତି ତେବେ ତହିଁରୁ ଏହି ନିଷ୍କର୍ଷ ବାହାର କରି ତୁମେମାନେ ନିରାଶ ହୋଇଯାଅ ନାହିଁ ଯେ, ତୁମମାନଙ୍କୁ ତବ୍‌ଲିଗ୍ କରିବା ଆସୁ ନହିଁ। କାରଣ ଏହା ହୋଇପାରେ ଯେ, ତୁମ ତବ୍‌ଲିଗରେ କୌଣସି ଦୁର୍ବଳତା ନ ଥିବ । କିନ୍ତୁ ଯେଉଁ ବ୍ୟକ୍ତିକୁ ସମ୍ବୋଧନ କରାଯାଉଛି ତା'ର ହୃଦୟ ଉପରେ ନିଜସ୍ୱ ପାପର ଏପରି ରଙ୍ଗ ବିସ୍ତାରିତ ହୋଇଯାଇଛି ଯେ, ଈଶ୍ୱର ତା' ନିମନ୍ତେ ମାର୍ଗଦର୍ଶନ ନିମନ୍ତେ ନିଜର ଝରକାକୁ ଖୋଲି ନପାରନ୍ତି । ଅତଏବ୍ ଆମମାନଙ୍କୁ ତବ୍‌ଲିଗରେ ନିମଜ୍ଜିତ ରହିବା ଉଚିତ୍ । ପରିଣାମ ବାହାରିବା ଏବଂ ପ୍ରଭାବ ସୃଷ୍ଟି କରିବା ଈଶ୍ୱରଙ୍କର କାର୍ଯ୍ୟ ଅଟେ ।

**(ତଫ୍‌ସିର୍ କବିର, ଗ୍ରନ୍ଥଖଣ୍ଡ-4, ପୃ-272)**

☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏରଅଫିସିୟାଲ୍Whatsappp ଚ୍ୟାନେଲ୍

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰهُ بِکَافٍ عَبۡدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲକୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏରଅଫିସିୟାଲ୍Whatsappp ଚ୍ୟାନେଲ୍

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبۡحَانَ اللّٰهِ وَبِحَمۡدِهٖ سُبۡحَانَ اللّٰهِ الۡعَظِیۡمِ

اَللّٰهُمَّ صَلِّ عَلٰی مُحَمَّدٍ اٰلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

☆--☆--☆

اَسۡتَغۡفِرُ اللّٰهَ رَبِّیۡ مِنۡ کُلِّ ذَنۡبٍ وَّاَتُوۡبُ اِلَیۡهِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

رَبِّ کُلُّ شَیۡءٍ خَادِمُکَ رَبِّ فَاحۡفَظۡنِیۡ وَانۡصُرۡنِیۡ وَارۡحَمۡنِیۡ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan